Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 19, Issue : 348
Friday, 27 February 2026
Balasore, Page : 8, ₹ 2/
ବାଲେଶ୍ୱର, ଶୁକ୍ରବାର, ୨୭ ଫେବୃୟାରୀ, ୨୦୨୬
ପୃଷ୍ଠା:୮, ମୂଲ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ?
ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ଶାନ୍ତି, ନବସୃଜନ ଏବଂ ସମୃଦ୍ଧି ପାଇଁ ଏକ ସ୍ୱତନ୍ତ୍ର ରଣନୀତିକ ଭାଗିଦାରୀ

ଭାରତ-ଇସ୍ରାଏଲ ମିଳିତ ପ୍ରେସ୍ ବିବୃତି

ନୂଆଦିଲ୍ଲୀ, ୨୬/୨ (ନ୍ୟୁ.ଏ): ଭାରତ ଏବଂ ଇସ୍ରାଏଲ ମଧ୍ୟରେ ସ୍ନେହ, ସହାନୁଭୂତି ଏବଂ ଗଭୀର ରଣନୀତିକ ଭାଗିଦାରୀକୁ ସ୍ୱୀକୃତି ଦେଇ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫେବୃଆରୀ ୨୫ରୁ ବୁଧ ଦିନିଆ ଇସ୍ରାଏଲ ଗସ୍ତ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ସହ ବରିଷ୍ଠ ମନ୍ତ୍ରୀ ଏବଂ ଅଧିକାରୀଙ୍କୁ ନେଇ ଗଠିତ ଏକ ଜାତୀୟ ପ୍ରତିନିଧିମଣ୍ଡଳ ମଧ୍ୟ ଆସିଥିଲେ । ୨୦୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଐତିହାସିକ ଇସ୍ରାଏଲ ଗସ୍ତ ଏବଂ ୨୦୧୮ରେ ପ୍ରଧାନମନ୍ତ୍ରୀ ନେତନ୍ୟାହୁଙ୍କ ଭାରତ ଗସ୍ତରୁ ଉଭୟ ପକ୍ଷ ସ୍ମରଣ କରିଥିଲେ । ଏହା ମିଳିତ ଭାବରେ ସହଭାଗୀତା ଏବଂ ସହଯୋଗର ଏକ ନୂତନ ଯୁଗର ମୂଳଦୁଆ ସ୍ଥାପନ କରିଥିଲା । ନେତାମାନେ ଉଦ୍ୟୋଗର ପ୍ରଯୁକ୍ତିବିଦ୍ୟା, ସାଇବର, କୃଷି, ଜଳ ପରିଚାଳନା, ସ୍ୱାସ୍ଥ୍ୟ, ଉଦ୍ୟୋଗ, ପ୍ରତିରକ୍ଷା, ସୁରକ୍ଷା ଏବଂ ଅନ୍ୟାନ୍ୟ କ୍ଷେତ୍ର ସମେତ ଭାରତ-ଇସ୍ରାଏଲ ଦ୍ୱିପାକ୍ଷିକ ସମ୍ପର୍କରେ ହୋଇଥିବା ବିପୁଳ ପ୍ରଗତି ଉଲ୍ଲେଖ କରିଥିଲେ । ପ୍ରଧାନମନ୍ତ୍ରୀ ନେତନ୍ୟାହୁ ଏବଂ ପ୍ରଧାନମନ୍ତ୍ରୀ ମୋଦୀ ଆପୋସ ସମ୍ମତି ଜରିଆରେ ରଣନୀତିକ ଭାଗିଦାରୀକୁ ଏକ ନୂତନ ସ୍ତରକୁ ଉନ୍ନୀତ କରିବାକୁ ନିଷ୍ପତ୍ତି ନେଇଥିଲେ – "ଶାନ୍ତି, ନବସୃଜନ ଏବଂ ସମୃଦ୍ଧି ପାଇଁ ଏକ ସ୍ୱତନ୍ତ୍ର ରଣନୀତିକ ସହଭାଗୀତା ।'' ଦୁଇ ପ୍ରଧାନମନ୍ତ୍ରୀ ପ୍ରଯୁକ୍ତିବିଦ୍ୟା ଉଦ୍ଭାବନ ଓ ଉଦ୍ୟୋଗ ମାଧ୍ୟମରେ ଶାନ୍ତି, ସୁରକ୍ଷା ଓ ସମୃଦ୍ଧି ପାଇଁ ପାରସ୍ପରିକ ଆକାଂକ୍ଷାକୁ ଆଧାର କରି ଏକ ବୃଦ୍ଧ ସ୍ୱତନ୍ତ୍ର ରଣନୀତିକ ଭାଗିଦାରୀ ଲାଗି ସେମାନଙ୍କର ସମାନ ଦୃଷ୍ଟିକୋଣକୁ ଦୋହରାଇଛନ୍ତି । ନେତାମାନେ ସ୍ୱୀକାର କରିଛନ୍ତି ଯେ ଭାରତ ଏବଂ ଇସ୍ରାଏଲୀ କ୍ଷମତା ପରସ୍ପରର ସମ୍ପୂର୍ଣ୍ଣ ଭାବରେ ପରିପୂରକ । ଇସ୍ରାଏଲ ହେଉଛି ପ୍ରଯୁକ୍ତିବିଦ୍ୟା ଓ ଉଦ୍ଭାବନର ଏକ ବିଶ୍ୱ ମହାଶକ୍ତି । ଅନ୍ୟପଟେ ଭାରତ ପ୍ରତିଭା, ଉତ୍ପାଦନ ଉତ୍କର୍ଷତା ଏବଂ ଉଦ୍ୟୋଗ ଶକ୍ତିର ଏକ କେନ୍ଦ୍ର ଭାବରେ କାର୍ଯ୍ୟ କରେ । ଦୁଇ ପ୍ରଧାନମନ୍ତ୍ରୀ ଏଆଇ, ସାଇବର ସୁରକ୍ଷା, ସେମିକଣ୍ଡକ୍ଟର, କ୍ୱାଂଟମ୍ ଜଳବାୟୁ, ଜୈବ ପ୍ରଯୁକ୍ତିବିଦ୍ୟା, କୃଷି ଓ ଜଳ ପରିଚାଳନା, ପ୍ରତିରକ୍ଷା ପ୍ଲାଟଫର୍ମ ଏବଂ ମହାକାଶ ଅନୁସନ୍ଧାନରେ ଭାରତ ଏବଂ ଇସ୍ରାଏଲର ପ୍ରତିବଦ୍ଧତାକୁ ଦୃଢ଼ କରିଛନ୍ତି । ଏହି ଭାଗିଦାରୀ ଭାରତର 'ଆତ୍ମନିର୍ଭର ଏବଂ ବିକଶିତ ଭାରତ ୨୦୪୭' ଦୃଷ୍ଟିକୋଣକୁ ସୁଦୃଢ଼ କରିଥାଏ, ଯାହା ଉଭୟ ଦେଶର ପ୍ରଯୁକ୍ତିବିଦ୍ୟା ପରିବର୍ତ୍ତନ ଏବଂ ସହଭାଗୀ ପ୍ରଗତିର ପରବର୍ତ୍ତୀ ଧାରାକୁ ଗତିଶୀଳ କରିବ । ପ୍ରତିରକ୍ଷା ସହଯୋଗ ପାଇଁ ୪ ନଭେମ୍ବର ୨୦୨୫ରେ ସ୍ୱାକ୍ଷରିତ ବୁଝାମଣାପତ୍ରକୁ ସ୍ୱାଗତ କରି, ପ୍ରଧାନମନ୍ତ୍ରୀ ନେତନ୍ୟାହୁ ଏବଂ ପ୍ରଧାନମନ୍ତ୍ରୀ ମୋଦୀ ସେମାନଙ୍କ ଦେଶ ମଧ୍ୟରେ ବ୍ୟାପକତା ଏବଂ ପରିମାଣ ଲକ୍ଷ୍ୟ ଦୃଷ୍ଟିରୁ ପ୍ରତିରକ୍ଷା ସହଯୋଗରେ ହୋଇଥିବା ଉଲ୍ଲେଖନୀୟ ଅଭିବୃଦ୍ଧିକୁ ସ୍ୱୀକାର କରିଛନ୍ତି । ଉଭୟ ନେତା ଭବିଷ୍ୟତର ପ୍ରତିରକ୍ଷା ସହଯୋଗ ପାଇଁ ଏକ ଦୃଷ୍ଟିକୋଣ ଏବଂ ରୂପରେଖ ପ୍ରଦାନ କରିଛନ୍ତି । ଗୁରୁତ୍ୱପୂର୍ଣ୍ଣ ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା (ସିଇଟି) କ୍ଷେତ୍ରରେ ଗଭୀର ସହଯୋଗ ପାଇଁ ମାର୍ଗ ପ୍ରଶସ୍ତ କରୁଥିବା ପ୍ରଯୁକ୍ତିବିଦ୍ୟା ବଣ୍ଟନର ପରିପୂରକ ଶକ୍ତିକୁ ଭାରତ ଏବଂ ଇସ୍ରାଏଲ ସ୍ୱୀକାର କରିଛନ୍ତି । ପ୍ରଧାନମନ୍ତ୍ରୀ ନେତନ୍ୟାହୁ ଏବଂ ପ୍ରଧାନମନ୍ତ୍ରୀ ମୋଦୀ ଦୁଇ ଦେଶର କାତୀୟ ସୁରକ୍ଷା ପରାମର୍ଶଦାତାଙ୍କ ନେତୃତ୍ୱରେ ଗୁରୁତ୍ୱପୂର୍ଣ୍ଣ ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଉପରେ ନୂତନ ପଦକ୍ଷେପକୁ ସ୍ୱାଗତ କରିଛନ୍ତି । ସେମାନେ ଗୁରୁତ୍ୱାରୋପ କରି କହିଛନ୍ତି ଯେ ଏହି ପଦକ୍ଷେପ ଉଭୟ ଦେଶର ଶକ୍ତିକୁ ସ୍ୱତନ୍ତ୍ର ପ୍ରଯୁକ୍ତିବିଦ୍ୟାରେ ସମନ୍ୱିତ କରିବ, ଏକ କେନ୍ଦ୍ରିତ ଏବଂ ଭବିଷ୍ୟତ ଆଧାରିତ ସହଭାଗୀତାକୁ ପ୍ରୋତ୍ସାହିତ କରିବ । ଦୁଇ ନେତା ଉଭୟ ପକ୍ଷରୁ ଏହି ପଦକ୍ଷେପକୁ ଆଗକୁ ନେବାକୁ ଆହ୍ୱାନ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ଏବଂ ପ୍ରଧାନମନ୍ତ୍ରୀ ନେତନ୍ୟାହୁ ଦ୍ୱିପାକ୍ଷିକ ବାଣିଜ୍ୟ ଏବଂ ନିବେଶର ପୂର୍ଣ୍ଣ ସମ୍ଭାବନାକୁ ଉନ୍ମୁକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେମାନେ ସେପ୍ଟେମ୍ବର ୨୦୨୫ରେ ନୂଆଦିଲ୍ଲୀରେ ରୁଚ ଅର୍ଥମନ୍ତ୍ରୀଙ୍କ ବାରା ଭାରତ-ଇସ୍ରାଏଲ ଦ୍ୱିପାକ୍ଷିକ ନିବେଶ ବୁଝାମଣାମ୍ବ ସ୍ୱାଗତ କରିଛନ୍ତି, ଯାହା ନିବେଶକଙ୍କ ବିଶ୍ୱାସକୁ ବୃଦ୍ଧି କରିବ, ଅଧିକ ଦ୍ୱିପାକ୍ଷିକ ନିବେଶକୁ ପ୍ରୋତ୍ସାହିତ କରିବ ଏବଂ ନିବେଶର ଏକ ସ୍ପଷ୍ଟ ଢାଂଚା ତଥା ନିରପେକ୍ଷ ବିବାଦ ସମାଧାନ ବ୍ୟବସ୍ଥା ମାଧ୍ୟମରେ ସ୍ୱଚ୍ଛତା, ପୂର୍ବାନୁମାନ ଓ ସୁରକ୍ଷା ସୁନିଶ୍ଚିତ କରିବ ବୋଲି ଆଶା କରାଯାଉଛି । ଦୀର୍ଘସ୍ଥାୟୀ ବିକାଶରେ ଜଳ ଏବଂ କୃଷିର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରି, ପ୍ରଧାନମନ୍ତ୍ରୀ ମୋଦୀ ଏବଂ ପ୍ରଧାନମନ୍ତ୍ରୀ ନେତନ୍ୟାହୁ ଜଳ ଓ କୃଷି କ୍ଷେତ୍ରରେ ସହଭାଗୀତାକୁ ସୁଦୃଢ଼ କରିବା ପାଇଁ ପ୍ରୟାସର ଗୁରୁତ୍ୱକୁ ଦୋହରାଇଛନ୍ତି । ଏହି ସହଭାଗୀତା ଜଳ ସଂରକ୍ଷଣ, ଅପବ୍ୟବହୃତ ଜଳ ପରିଚାଳନା ଏବଂ କୃଷି ପାଇଁ ଏଆର ପୁନଃବ୍ୟବହାର, ଲିଣି ପାଣି ବିଶୋଧନ, ଜଳ ଉପଯୋଗିତା ସଂସ୍କାର ଏବଂ ଉନ୍ନତ ଜଳ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଗଙ୍ଗା ଓ ଅନ୍ୟାନ୍ୟ ନଦୀଗୁଡ଼ିକର ସଫେଇ ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକ ଉପରେ ଧ୍ୟାନ କେନ୍ଦ୍ରିତ କରେ । ନେତାମାନେ ସୀମାପାର ଆତଙ୍କବାଦ ସମେତ ସମସ୍ତ ପ୍ରକାରର ଆତଙ୍କବାଦକୁ ସ୍ପଷ୍ଟ ଏବଂ ଦୃଢ଼ ଭାବରେ ନିନ୍ଦା କରିଥିଲେ । ସେମାନେ ବ୍ୟାପକ ଏବଂ ସ୍ଥାୟୀ ଭାବରେ ଆତଙ୍କବାଦ ବିରୋଧରେ ଲଢ଼ିବା ପାଇଁ ନିର୍ଣ୍ଣାୟକ ଏବଂ ସମନ୍ୱିତ ଅନ୍ତର୍ଜାତୀୟ ପ୍ରୟାସ ପାଇଁ ଆହ୍ୱାନ କରିଥିଲେ । ଏହି ବ୍ୟାପକ ସମସ୍ୟା ଉପରେ ଗଭୀର ଚିନ୍ତା ପ୍ରକାଶ କରି, ପ୍ରଧାନମନ୍ତ୍ରୀମାନେ ରୁଚିରେ ସକ୍ରିୟ ଏବଂ ସ୍ଥିର ଗଣତନ୍ତ୍ରର ନେତା ଭାବରେ ଏହି ବିପଦର ମୁକାବିଲା ପାଇଁ ସେମାନଙ୍କର ସାମୂହିକ ସଂକଳ୍ପକୁ ଦୋହରାଇଥିଲେ । ସେମାନେ ୭ ଅକ୍ଟୋବର ୨୦୨୩ରେ ଇସ୍ରାଏଲ ଉପରେ ଘୃଣ୍ୟ ଆତଙ୍କବାଦୀ ଆକ୍ରମଣ, ୨୨ ଏପ୍ରିଲ ୨୦୨୫ରେ ଭାରତର ଜମ୍ମୁ-କାଶ୍ମୀର ପହଲଗାମରେ ଭାରତୀୟ ପର୍ଯ୍ୟଟକଙ୍କ ଉପରେ ବର୍ବର ଆତଙ୍କବାଦୀ ଆକ୍ରମଣ ଏବଂ ୧୦ ନଭେମ୍ବର ୨୦୨୫ରେ ନୂଆଦିଲ୍ଲୀର ଲାଲକିଲ୍ଲା ନିକଟରେ ଘଟିଥିବା ଆତଙ୍କବାଦୀ ଘଟଣାର ଦୃଢ଼ ନିନ୍ଦା କରିଥିଲେ ।

ନୂଆଦିଲ୍ଲୀରେ ଓଡ଼ିଶା ଭବନର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୬/୨ (ଆ.ପ୍ର) : ନୂଆଦିଲ୍ଲୀରେ ଓଡ଼ିଶା ଭବନର ନୂତନ ବିଲ୍ଡିଂ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ । ଏହି ନୂତନ ଭବନର ନିର୍ମାଣ ଶୈଳୀରେ ପ୍ରତିଫଳିତ ହେବ ଓଡ଼ିଶାର ସମୃଦ୍ଧ କଳା ଓ ସଂସ୍କୃତିର ଝଲକ । ଏଥିପାଇଁ ମୋଟ ୯୩.୨୭ କୋଟି ଟଙ୍କା ବ୍ୟୟ ହେବ । ଏଥିରେ ୩୮ଟି ବେସ୍‌ମେଣ୍ଟ, ଗ୍ରାଉଣ୍ଡ ଫ୍ଲୋର ସହିତ ଆଉ ୬ଟି ମହଲା ରହିବ । ସମସ୍ତ ଅତ୍ୟାଧୁନିକ ସୁବିଧା ସହ ୪୫ଟି ସୁଇଟ୍ ବ୍ୟବସ୍ଥା କରାଯିବ । ପ୍ରଥମ ମହଲାରେ ଏକ ଏକ୍‌ଜିବିସନ୍ ଏରିଆ ଏବଂ ଦ୍ୱିତୀୟ ମହଲାରେ ପ୍ରାୟ ୭୦ ଆସନ ବିଶିଷ୍ଟ କନ୍‌ଫରେନ୍ସ ହଲ୍ ରହିବ । ପୂର୍ବରୁ ଥିବା ଭବନଟି ପୁରୁଣା ହୋଇଯାଇଥିବା ସହ ସ୍ଥାନ ଓ ସୁବିଧାର ଅଭାବ ଥିବାରୁ ବର୍ତ୍ତମାନର ଆବଶ୍ୟକତାକୁ ଆଖି ଆଗରେ ରଖି ଏହି ନୂଆ ଭବନ ନିର୍ମାଣ କରାଯାଉଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନୂଆଦିଲ୍ଲୀ ସହିତ ଦେଶର ବିଭିନ୍ନ ସହରରେ ଓଡ଼ିଶାର ପ୍ରଶାସନିକ ସମନ୍ୱୟ ଓ ସାଂସ୍କୃତିକ ସମ୍ପର୍କ ସୁଦୃଢ଼ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଓଡ଼ିଶା ଭବନ ନିର୍ମାଣ ଯୋଜନା କରିଛନ୍ତି । ଏହି ପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକ୍ରିୟା ସମାପ୍ତ ହୋଇଥିବା ବେଳେ ଖୁବ୍ ଶୀଘ୍ର ନିର୍ମାଣ କାମ ଆରମ୍ଭ ହେବ । ଆଗାମୀ ଦିନରେ ଅଯୋଧ୍ୟା, ବେଙ୍ଗାଲୁରୁ ଓ ସୁରଟରେ ଓଡ଼ିଶା ଭବନ ନିର୍ମାଣ ହେବ । ଏଥିପାଇଁ ସଂପୃକ୍ତ ରାଜ୍ୟମାନଙ୍କୁ ଜମି ମଗାଯାଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ କୋଲକାତା, ଚେନ୍ନାଇ ଓ ମୁମ୍ବାଇରେ ଓଡ଼ିଶା ଭବନ କାର୍ଯ୍ୟକ୍ଷମ ଅଛି । ଜନସାଧାରଣଙ୍କ ସୁବିଧା ପାଇଁ ମୁମ୍ବାଇରେ ଆଉ ଏକ ଭବନ ନିର୍ମାଣର ପ୍ରସ୍ତାବ ରହିଛି । ଏହି ସବୁ ଭବନ ଓ ସଦନ କୁଟିକର ଗଣଶୋଚାଳୟ ପାଇଁ ଗୋଟିଏ ସ୍ୱତନ୍ତ୍ର ଡିଜିଲେନ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ରାଜ୍ୟର ବିଭିନ୍ନ ଜିଲ୍ଲାରୁ କରୁରୀ କାମରେ ଭୁବନେଶ୍ୱର ଆସୁଥିବା ଲୋକମାନଙ୍କ ପାଇଁ ଭୁବନେଶ୍ୱର ମାଷ୍ଟର କ୍ୟାଂଟିନ ଛକ ପାଖରେ ଏକ ଜନଆଶ୍ରୟ ଭବନ ନିର୍ମାଣ କରାଯିବ । ଯେଉଁଥିରେ ଜି ରାକାର ଜନସାଧାରଣଙ୍କ ପାଇଁ ସ୍ୱଳ୍ପ ମୂଲ୍ୟରେ ତିନି ଦିନର ରାତି ବ୍ୟବସ୍ଥା କରାଯିବ । ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍, ଓଡିଶା ସରକାରଙ୍କ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବରଗଡ ସାଂସଦ ପ୍ରସୀତ ପୁରୋହିତ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

କୋରାପୁଟ୍‌ରେ ୨୦୦ କୋଟିର ଗଞ୍ଜେଇ ତେଲ ଜବତ

କୋରାପୁଟ୍, ୨୬/୨ (ଆ.ପ୍ର) : କୋରାପୁଟ୍ ଜିଲ୍ଲା ପୋଲିସକୁ ମିଳିଲା ବଡ଼ ସଫଳତା । ୨୦୦ କୋଟି ମୂଲ୍ୟର ୧୮୦୦ ଲିଟର ଗଞ୍ଜେଇ ତେଲ ଜବତ । ଗଞ୍ଜେଇ ତେଲ ପ୍ରସ୍ତୁତ ହେଉଥିବା ଅସ୍ଥାୟୀ ପ୍ରୋସେସିଂ ୟୁନିଟ୍ ଠାକ କରାଯିବ ସହ ଅସ୍ଥାୟୀ ଉତ୍ପାଦନ ୟୁନିଟ୍ ସାମଗ୍ରୀ ଜବତ କରାଯାଇଛି । ଓଡ଼ିଶା-ଆନ୍ଧ୍ର ସୀମା ଜଲାପୁଟ୍ ଜଳଭଣ୍ଡାର ନିକଟ ଜଙ୍ଗଲ ଅଂଚଳରୁ ଠାକ ହୋଇଛି ଗଞ୍ଜେଇ ତେଲ ଓ ତେଲ ପ୍ରସ୍ତୁତ ହେଉଥିବା ଅସ୍ଥାୟୀ ପ୍ରୋସେସିଂ ୟୁନିଟ୍ । ଏଥିସହ ୧ ହଜାର କେଜିରୁ ଅଧିକ ଗଞ୍ଜେଇ ମଧ୍ୟ ଜବତ ହୋଇଛି । ଜବତ ଗଞ୍ଜେଇର ମୂଲ୍ୟ ୫ କୋଟି ଟଙ୍କା ହେବ । ଜଳାପୁଟ ଜଳଭଣ୍ଡାର ସହିତ, ପାଡୁଆ ଏବଂ ଓଡ଼ିଶା - ଆନ୍ଧ୍ରପ୍ରଦେଶ ସୀମାରେ ଏହା ଚୋରାଚାଲାଣ ଚାଲିଥିଲା । ଖବର ପାଇ କୋରାପୁଟ୍ ଏସପିଙ୍କ ନିର୍ଦ୍ଦେଶରେ ଗର୍ଣ୍ଣ ଅପେରେସନ କରାଯାଇଥିଲା । ଉତ୍ପାଦନ ୟୁନିଟର ମୁଖ୍ୟ ମାଷ୍ଟର ମାଇଣ୍ଡମାନଙ୍କୁ ଚିହ୍ନଟ କରାଯାଇଛି । ସେମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି କହିଛନ୍ତି ପଶ୍ଚିମାଂଚଳ ଡିଆଇଜି କୁନବୁର ବିଶାଲ ସିଂ । ସେହିପରି ନନ୍ଦପୁରରେ ୧୧୫୩ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଥିବା ବେଳେ ଏହାର ବଜାର ମୂଲ୍ୟ ପ୍ରାୟ ୫ କୋଟି ବୋଲି କୁହାଯାଉଛି । ୨ଟି ମହିନ୍ଦ୍ରା ପିକଅପ୍ ରେ ପ୍ଲାଷ୍ଟିକ୍ ଟ୍ରେ ଭିତରେ ଲୁଚାଇ ରଖାଯାଇଥିଲା ଗଞ୍ଜେଇ । ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଆଉ ଗଞ୍ଜେଇ ନୁହେଁ ଏବେ ପସନ୍ଦ ଗଞ୍ଜେଇ ତେଲ । ସ୍ୱଳ୍ପଲାଭ ପ୍ରଥମ ପସନ୍ଦ ପାଲଟିଛି ଓଡ଼ିଶାର ଗଞ୍ଜେଇ ତେଲ । ଗତକିଛି ଦିନ ତଳେ ମାଲକାନଗିରିରେ ଗଞ୍ଜେଇ ତେଲ ମାଫିଆକୁ ଧରିଛି ମାଲକାନଗିରି ପୋଲିସ୍ । ଗଂଜେଇ ତେଲ ପ୍ରସ୍ତୁତ କରାଯାଇଥିବା କାରଖାନା ଉପରେ ଚଢ଼ାଉ କରି ଘଟଣା ସ୍ଥଳରୁ ସିଲିଣ୍ଡିକାଲ୍ ପ୍ରକ୍ରିୟାକରଣ କଟଂଟନର ସହିତ ସଜ୍ଜିତ ମେସିନ୍, ପ୍ରେସର୍ କୁକର୍, ଲୁହା ଡିଆରି କଣ୍ଟେସର, ପାଇପ୍, ସିଲିଣ୍ଡର ଏବଂ ପ୍ଲାଷ୍ଟିକ୍ ଡ୍ରମ୍ ସହିତ ସଜ୍ଜିତ ଗାଢ଼ସ୍ୱ ବର୍ଣ୍ଣର ଜବତ କରିଛି ପୋଲିସ । ସମସ୍ତ ତେଲ ପ୍ରସ୍ତୁତ ସାମଗ୍ରୀକୁ ଜବତ କରିବା ସହ ୪ ଜଣ ଆସାମୀକୁ ଗିରଫ କରିଛି । ଚିତ୍ରଜୋଣ୍ଡା ଆନା ଅଂଚଳର ବଡପଦର ଫାଟାଇତର ଏକ ଜଂଗଲରେ ଏହି କାରଖାନା ଥିଲା । ଏବରୁ ଗଂଜେଇ ତେଲକୁ ରାଜ୍ୟ ସହ ରାଜ୍ୟ ବାହାରକୁ ଏବଂ ବିଦେଶକୁ ରପ୍ତାନୀ କରାଯାଉଥିଲା । ୪ ଜଣ ଆସାମୀ ମଧ୍ୟରୁ ଦୁଇ ଜଣ ଅନ୍ଧ୍ରପ୍ରଦେଶର ବୋଲି ଜଣାପଡ଼ିଛି । ଜବତ ହୋଇଥିବା ୨ ଲିଟର୍ ଗଂଜେଇ ତେଲର ମୂଲ୍ୟ ୨୫ ଲକ୍ଷ ଟଙ୍କା ବୋଲି କୁହାଯାଇଛି । ଏଥିସହ ଲକ୍ଷାଧିକ ଟଂକାର କେମିକାଲ ଓ ସାମଗ୍ରୀ ଜବତ ହୋଇଛି ।

ମାଓଗଡ଼ରେ ଧୂଳିସାତ ହେଲା ମାଓବାଦୀଙ୍କ ସହିଦ ସ୍ତମ୍ଭ

ମାଲକାନଗିରି, ୨୬/୨ (ଆପ୍ର) ମାଓମୁକ୍ତ ହେଉଛି ମାଲକାନଗିରି । ମାଓଗଡ଼ରେ ଥିବା ୨୦ ଫୁଟ ଉଚ୍ଚ ମାଓବାଦୀଙ୍କ ସହିଦ ସ୍ମାରକୀ ସ୍ତମ୍ଭକୁ ଭାଙ୍ଗି ଧୂଳିରେ ମିଶାଇ ଦେଇଛନ୍ତି ଗ୍ରାମବାସୀ । ଗଁରାଲାକେ ସ୍ୱେଚ୍ଛାକୃତ ଭାବରେ ମାଓଗଡ଼ରେ ପ୍ରତିଷ୍ଠିତ ମାଓବାଦୀଙ୍କ ସହିଦ ସ୍ମାରକ ସ୍ତମ୍ଭକୁ ଭାଙ୍ଗି ନଷ୍ଟ କରିଦେଇ ଶାନ୍ତି ଏବଂ ବିକାଶ ଆଡ଼କୁ ପରିବର୍ତ୍ତନର ସଙ୍କେତ ଦେଇଛନ୍ତି । ସୀମାସୁରକ୍ଷା ବଳିମ ଓ ପୁଲିସର ଅନୁକୂଳ ପରିଣାମରେ ଧିରେ ଧିରେ ମାଓମୁକ୍ତ ହେଉଛି ମାଲକାନଗିରି । ଏବେ ଆଉ ନାହିଁ ମାଓବାଦୀଙ୍କ ହିଂସା, ଗ୍ରାମବାସୀଙ୍କ ମନରୁ ଦୂର ହୋଇଛି ମାଓ ଭୟ । ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ବୁଦ୍ଧମୁଣ୍ଡ ସ୍ୱାଭିମାନ ଅଂଚଳ ଏବଂ କାଳିମେଳା, ମାଲୁଣ୍ଡି, ଖଇରପୁଟ ଅଂଚଳର ବିଭିନ୍ନ ଆଭ୍ୟନ୍ତରୀଣ ଗ୍ରାମରୁ ଗ୍ରାମବାସୀମାନେ ମାଓବାଦୀ କ୍ୟାଡରମାନଙ୍କ ଦ୍ୱାରା ପୂର୍ବରୁ ପ୍ରତିଷ୍ଠିତ ମୋଟ ୨୦ଟି ସ୍ମାରକୀ ସହିଦ ସ୍ତମ୍ଭକୁ ଭାଙ୍ଗି ଦେଇଛନ୍ତି । ଗ୍ରାମବାସୀମାନେ ସାମୂହିକ ଆଲୋଚନା ମାଧ୍ୟମରେ ନିଷ୍ପତ୍ତି ନେଇଥିଲେ ଯେ ଗାଁ ଗହଳ ରେ ଥିବା ମାଓବାଦୀଙ୍କ ସହିଦ ସ୍ତମ୍ଭକୁ ଆଉ ରଖାଯିବ ନାହିଁ । ମାଓବାଦୀ ସମୟୀ ଜୋର ପାଇ ଥିବା ବେଳେ ସ୍ତମ୍ଭ ଗୁଡ଼ିକୁ ମଧ୍ୟ ଲୋପ କରାଯିବ । ଗ୍ରାମବାସୀଙ୍କ କହିଛନ୍ତି ଯେ ବର୍ଷ ବର୍ଷ ଧରି ଉଗ୍ରବାଦୀ ପ୍ରଭାବ ବେଳକ ଭୟ, ମୌଳିକ ସେବାରେ ବାଧା ଏବଂ ଗ୍ରାମର ବିକାଶକୁ ଅଟକାଇ ଦେଇଛି ।

ମହାପ୍ରଭୁ ଜଗନ୍ନାଥ ହେଉଛନ୍ତି ସମଗ୍ର ବ୍ରହ୍ମାଣ୍ଡର ଠାକୁର: ରାଷ୍ଟ୍ରପତି

ଜାମସେଦପୁର: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଝାଡ଼ଖଣ୍ଡର ଜାମସେଦପୁର ଠାରେ ଶ୍ରୀ ଜଗନ୍ନାଥ ମନ୍ଦିରର ଭୂମି ପୂଜନ ଉତ୍ସବରେ ଅଂଶଗ୍ରହଣ କରିଥିଲେ । ଜାମସେଦପୁରର ଶ୍ରୀ ଜଗନ୍ନାଥ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ବାଙ୍ଗୟ କେନ୍ଦ୍ର ଟ୍ରଷ୍ଟ ଦ୍ୱାରା ଏହି ସମାରୋହର ଆୟୋଜନ କରାଯାଇଥିଲା । ଏହି ଅବସରରେ ଭକ୍ତବୋଧନ ଦେଇ ରାଷ୍ଟ୍ରପତି କହିଛନ୍ତି, ମହାପ୍ରଭୁ ଜଗନ୍ନାଥ ହେଉଛନ୍ତି ସମଗ୍ର ବ୍ରହ୍ମାଣ୍ଡର ଠାକୁର । ବିଜା କୌଣସି ଭେଦଭାବରେ ସମଗ୍ର ମାନବଜାତି ଉପରେ ତାଙ୍କର କୃପା ସମାନ ଭାବରେ ବର୍ଷା ହୋଇଥାଏ । ରାଷ୍ଟ୍ରପତି କହିଛନ୍ତି, କୋଲହାନ ଅଂଚଳ ଦେଶର ଅନ୍ୟ ଆଧ୍ୟାତ୍ମିକ ପରମ୍ପରା ସହିତ ଜୀବନ୍ତ ଆଦିବାସୀ ପରମ୍ପରାର ସଙ୍ଗମର ଏକ ସୁନ୍ଦର ଉଦାହରଣ ଉପସ୍ଥାପନ କରୁଛି । ଏହି ଅଂଚଳର ଲୋକମାନେ ଶହ ଶହ ବର୍ଷ ପୁରୁଣା ପରମ୍ପରାକ

ଶ୍ରମିକଙ୍କ
ଆରମ୍ଭ
SEITHO ARAMBHA
ଶୁକ୍ରବାର, ୨୭ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା -୨

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

୨୦୨୬ କ୍ରୀଡା ପ୍ରତିଭା ଚୟନ ପାଇଁ ନୂଆପଡ଼ାରେ କ୍ରୀଡା ଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର

ନୂଆପଡ଼ା, ୨୬/୨ (ଆ.ପ୍ର) : ଆଜି ନୂଆପଡ଼ା ପୋଲିସ ଫଟିଆ ସ୍ଥିତ ଇନଡୋର ଷ୍ଟାଡିୟମ୍ ଠାରେ ୨୦୨୬ ବର୍ଷ ପାଇଁ ହେବାକୁ ଥିବା କ୍ରୀଡା ପ୍ରତିଭା ଚୟନ ନିମନ୍ତେ କ୍ରୀଡା ଶିକ୍ଷକ ମାନଙ୍କ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୂଦନ ବାଣ୍ଡେଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରଧାନ ବଡ଼ାଲ ଏହି ଶିବିରର ଆୟୋଜନ କରିଥିଲେ ଓ ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶାଳୟ ଦ୍ୱାରା ଆୟୋଜିତ ମାଷ୍ଟର୍ସ ପ୍ରଶିକ୍ଷକ ଶିବିରରେ ନୂଆପଡ଼ା ଜିଲ୍ଲାର କ୍ରୀଡ଼ା ଶିକ୍ଷକ ମହୋଦୟ ଆଦଯୁଆଡ, କ୍ରୀଡା ଶିକ୍ଷକ ମାଗୁରପାଣି ଉଚ୍ଚ ବିଦ୍ୟାଳୟ ଓ ସରୋଜ କୁମାର ପ୍ରଧାନ, କ୍ରୀଡା ଶିକ୍ଷକ ବାଙ୍ଗିବାହାଲ ଉଚ୍ চ ବିଦ୍ୟାଳୟ ପ୍ରଶିକ୍ଷଣ ପ୍ରାପ୍ତ ହୋଇ ଆଜି ଅନ୍ୟ କ୍ରୀଡା ଶିକ୍ଷକ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଏହି ତାଲିମ ଶିବିରରେ ଖେଳ ଶିକ୍ଷକ ମୋହନ କୁମାର ମହନ୍ତ, ପିଏମ ଶ୍ରୀ ନେବସନାଲ ଉଚ୍ଚ ବିଦ୍ୟାଳୟ ନୂଆପଡ଼ା, ଶୋଭିତ କୁମାର ଭୋଇ, ତରବୋଡ ଉଚ୍ଚ ବିଦ୍ୟାଳୟ, ଶୋଭାରାମ ରାଉତ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଖରିପାର ରୋଡ଼, ବିରେନ୍ଦ୍ର ବାଗ, ସରକାରୀ ଉଚ୍ଚ ବିଦ୍ୟାଳୟ, ତୁଳଲା, ଧନଞ୍ଜୟ ଦଣ୍ଡସେନା, ନେହେନା ଉଚ୍ଚ ବିଦ୍ୟାଳୟ, ବୋଲମଣି ନିଆଳ, ନାଗପଡ଼ା ଉଚ୍ଚ ବିଦ୍ୟାଳୟ, ଭାରତ ପ୍ରଧାନ, ମହୁଲଭାଟା ଉଚ୍ଚ ବିଦ୍ୟାଳୟ, କୁମାରୀ କୌଶଲ୍ୟା ମାଝୀ, ଯେ ଏମ ଉଚ୍ଚ ବିଦ୍ୟାଳୟ କୋମନା, ଏମ କୁମାର ଖରସେଲ, ଏମ ଡି.ସି ନୂଆପଡ଼ା, ରାକେଶ କୁମାର ଦଳାଲ, ଓଏଲି ନେଗିପାଲି, ଶ୍ୟାମ ଧଣ୍ଡୁଆ, ଶାଳଜୀପରର ଉଚ୍ଚ ବିଦ୍ୟାଳୟ ଓ ଦେବକୁଡ ସାନ୍ତ୍ର, କବାଡି ପ୍ରଶିକ୍ଷକ ଖେଳୋ ଇଣ୍ଡିଆ ପ୍ରମୁଖ ପ୍ରଶିକ୍ଷଣ ନେଇଥିଲେ । ସକାଳ ୧୦ ଘଂଟାରୁ ଅପରାହ୍ନ ୩ ଘଂଟା ପର୍ଯ୍ୟନ୍ତ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଆଗାମୀ ଦିନରେ ଖେଳକୁଦ, ସୁଟବଲ, ଓ ଭଲିବଲ ଖେଳରେ ନୂଆପଡ଼ା ଜିଲ୍ଲାରେ ଚୟନ ପ୍ରକ୍ରିୟା କ୍ରୀଡ଼ା ନିର୍ଦ୍ଦେଶାଳୟର ଆଦେଶ ଅନୁସାରେ ଆୟୋଜିତ ହେବ । ଅନ୍ୟ ସମସ୍ତ ଖେଳର ଚୟନ ପ୍ରକ୍ରିୟା ଅନ୍ୟ ଜିଲ୍ଲା ମାନଙ୍କରେ ଅନୁଷ୍ଠିତ ହେବା ନିମନ୍ତେ ନିଷ୍ପତ୍ତି ହୋଇଅଛି । ଅନଲାଇନରେ ପଞ୍ଜୀକରଣ କରିଥିବା ସମସ୍ତ ଛାତ୍ରଛାତ୍ରୀମାନେ ପ୍ରସ୍ତୁତ ହୋଇ ରହିବା ନିମନ୍ତେ ଜିଲ୍ଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି । ଶେଷରେ ଜିଲ୍ଲା କ୍ରୀଡା ଅଧିକାରୀ ଜିଲ୍ଲାପାଳ, ନୂଆପଡ଼ା, ଜିଲ୍ଲା ଶିକ୍ଷା ଅଧିକାରୀ, ନୂଆପଡ଼ା, ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ, ନୂଆପଡ଼ା ଓ ସମସ୍ତ ଖେଳ ଶିକ୍ଷକ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ବୋଲଗଡ଼ ମଣ୍ଡଳ ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ସ୍କାର୍ଡ

ଖୋର୍ଦ୍ଧା, ୨୬/୨ (ଆ.ପ୍ର) : ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ଇଂରାଜୀ ପରୀକ୍ଷା ଚାଲୁଥିବା କେକେ ଅତିରିକ୍ତଖୋର୍ଦ୍ଧା ଜିଲ୍ଲା ଶିକ୍ଷାଧିକାରୀ ଡ.ପ୍ରଜ୍ଞା ପାରମିତା ଜେନା, ଖୋର୍ଦ୍ଧା ଜିଲ୍ଲା ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷକ ବୀଣାପାଣି ପାଢ଼ୀ ସ୍କାର୍ଡରେ, ଇଂରାଜୀ ପ୍ରଶିକ୍ଷକ ଓ ମାଟ୍ରିକ ପରୀକ୍ଷା କମିଟିର ସଭ୍ୟ ଗଦାଧର ବେହୁରା ଏବଂ ସାହିତ୍ୟ ପ୍ରଶିକ୍ଷକ ନଳିନୀ କାନ୍ତ ପଣ୍ଡା ୧୧ନଂ ସ୍ଥାଇଁ ସ୍କାର୍ଡରେ ଆସି ବୋଲଗଡ଼ ମଣ୍ଡଳ ଅନ୍ତର୍ଗତ ଗେଡିଆପଲ୍ଲି ସରକାରୀ ଉଚ୍ଚ ବିଦ୍ୟାଳୟ, ଆରିକଳ୍ପା ସ୍ଥିତ ଘଂଟାୟତ ସରକାରୀ ଉଚ୍ଚ ବିଦ୍ୟାଳୟ, ବାଉଲାଇ ସରକାରୀ ଉଚ୍ଚ ବିଦ୍ୟାଳୟ, ବୋଲଗଡ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିବା ସହ, ମୋଡାଲ କେନ୍ଦ୍ରର ଷ୍ଟାଫ ରୁମ ଦେଖିଥିଲେ । ଉପରୋକ୍ତ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ମାର୍ଗଦର୍ଶିକା ଅନୁସାରେ ଶୃଙ୍ଖଳା ଧାରାରେ ପରୀକ୍ଷା ଚାଲିଛି, ଫାଟକ ନିକଟରେ ଶିକ୍ଷକ ଶିକ୍ଷୟିତ୍ରୀ ପରୀକ୍ଷାର୍ଥୀ ମାନଙ୍କୁ ତଦାରଖ କରି ଛାଡୁଛନ୍ତି, ଉପଯୁକ୍ତ ବ୍ୟବଧାନରେ ପରୀକ୍ଷାର୍ଥୀ ମାନଙ୍କୁ ଉପଯୁକ୍ତ ବ୍ୟବଧାନରେ ପରୀକ୍ଷା ପ୍ରକୋଷ୍ଠରେ ବସାଯାଇଛି, ନିରୀକ୍ଷକ, ଅଧ୍ୟକ୍ଷ, ଲପ ଅଧ୍ୟକ୍ଷ ଓ ପର୍ଯ୍ୟବେକ୍ଷକ ନିଖୁଣ ଭାବେ କାର୍ଯ୍ୟ ସମ୍ପାଦନ କରୁଛନ୍ତି, ନୋଡାଲ କେନ୍ଦ୍ରରେ ପ୍ରଶ୍ନପତ୍ର ପ୍ୟାକେଟ ତାରିଖ ଅନୁସାରେ ସଜ୍ଜିତ ହୋଇରହିଛି ବୋଲି ସମସ୍ତେ ମନ୍ତବ୍ୟ ପ୍ରଦାନ କରି ଖୁସି ବ୍ୟକ୍ତ କରିଥିଲେ । ଉପରୋକ୍ତ ୫ ପରୀକ୍ଷା କେନ୍ଦ୍ରର ଅଧ୍ୟକ୍ଷ ସାଙ୍କେତେନୀ ସାହୁ, ପାତବାସ ଲେଙ୍କା, ସମ୍ପିତା ବଳେଜ, ବନମାଳୀ ସାହୁ ଏବଂ ପ୍ରମତି ମହାପାତ୍ରଙ୍କୁ ସେମାନେ ବଧେଇ ଜଣାଇଥିଲେ । ନିକଟରେ ପରୀକ୍ଷା କେନ୍ଦ୍ରରେ ଉପସ୍ଥିତ ଥିବା ବୋଲଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ ସୂଚାଇଥିଲେ ଯେ ସମୁଦାୟ ବଶଟି କେନ୍ଦ୍ରର ମୋଟ ପରୀକ୍ଷାର୍ଥୀ ସଂଖ୍ୟା୧ ୪୮୩ ହୋଇଥିବା ବେଳେ ପ୍ରଥମ ଦିବସରେ ସାହିତ୍ୟରେ ୩୭ ଜଣ ଓ ଦ୍ୱିତୀୟ ଦିବସରେ ଇଂରାଜୀ ପରୀକ୍ଷାରେ ୪୦ ଜଣ ଅନୁପସ୍ଥିତ ରହିଛନ୍ତି । ଗେଡିଆପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ସର୍ବାଧିକ ୨୮ ଜଣ ଅନୁପସ୍ଥିତ ରହିଛନ୍ତି । ଏହି ୨୮ ଜଣ ରେଗୁଲାର ପରୀକ୍ଷାର୍ଥୀ ବେଗୁଳିଆ ବ୍ଲକ ଜଂଟବାସ ସ୍ଥିତ ଜୟନ୍ତୀ ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟର ବିଦ୍ୟାର୍ଥୀ ଅଟନ୍ତି ।

ରାବାନାୟୁ ସ୍କୁଲରେ ସ୍ୱଚ୍ଛ ଏବଂ ହରିତ୍ ବିଦ୍ୟାଳୟ ଜାତୀୟ ଯାଂଚ ଅଧିକାରୀ

ଜି.ଉଦୟଗିରି, ୨୬/୨ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ରାବାନାୟୁ ପ୍ରାଥମିକ ବିଦ୍ୟାଳୟ ଜାତୀୟ ସ୍ତରରେ ଚାଲିଥିବା ସ୍ୱଚ୍ଛ ଏବଂ ହରିତ୍ ବିଦ୍ୟାଳୟ ରେଟିଂ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଥିବା ବେଳେ ଉକ୍ତ ପ୍ରତିଯୋଗିତାର ଜାତୀୟ ଯାଂଚ ଅଧିକାରୀ ରୋହିତ କୁମାର ସିଂ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପି. ମଧୁସ୍ମିତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ସମସ୍ତ ଛାତ୍ରୀ ଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ ଓ ଗ୍ରାମବାସୀ ପରିଦର୍ଶନରେ ଆସିଥିବା ଯାଂଚ ଅଧିକାରୀଙ୍କୁ ସ୍ୱାଗତ କରିଥିଲେ । ପରେ ଯାଂଚ ଅଧିକାରୀ ବିଦ୍ୟାଳୟ ଏସ୍‌ଏଚଜିଆର ସମ୍ବନ୍ଧୀୟ ସମସ୍ତ କାଗଜପତ୍ର, ଶ୍ରେଣୀ ଗୃହ, ଛାତ୍ରୀ ଛାତ୍ରଙ୍କ ପାଇଁ ପାନୀୟଜଳ, ଶୌଚାଳୟ ପରିସରରେ ସ୍ୱଚ୍ଛତା ଓ ବିଦ୍ୟାଳୟର ସବୁଜମୟ ପରିବେଶ ଯାଂଚ କରିବା ସହ ଅଲଗା ଅଲଗା ଭାବେ ଛାତ୍ରୀ ଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ । ସୂଚନା ଅନୁସାରେ, ଗତ ଡିସେମ୍ବର ୩୦, ୨୦୨୫ ତାରିଖରେ ରାଜ୍ୟର ୨୩୦ଟି ବିଦ୍ୟାଳୟ ମଧ୍ୟରୁ ଚୟନ କରାଯାଇଥିବା ୨୦ ଟି ବିଦ୍ୟାଳୟ ମଧ୍ୟରେ ରାବାନାୟୁ ବିଦ୍ୟାଳୟ ଜାତୀୟ ସ୍ତର ସ୍ୱଚ୍ଛ ଏବଂ ହରିତ୍ ବିଦ୍ୟାଳୟ ରେଟିଂ ପ୍ରତିଯୋଗିତା ରେ ଅଂଶଗ୍ରହଣ ନିମନ୍ତେ ମନୋନୀତ ହୋଇଥିଲା । ଗ୍ରାମବାସୀ ତଥା ବିଦ୍ୟାଳୟ ପରିଚାଳନା କମିଟି, ସହକର୍ମୀ ଓ ପରିବେଶ କୁ ସ୍ୱଚ୍ଛ ରଖୁଥିବା ଛାତ୍ରୀ ଛାତ୍ର ସମସ୍ତଙ୍କ ସହଯୋଗରେ ରାବାନାୟୁ ବିଦ୍ୟାଳୟ ରାଜ୍ୟ ସ୍ତରରେ ପୁରସ୍କୃତ ହୋଇ ଜାତୀୟ ସ୍ତର ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲା ଏହି ଜାତୀୟ ସ୍ତର ପ୍ରତିଯୋଗିତାରେ ମଧ୍ୟ ସଫଳତା ପାଇବା ନେଇ ଆଶା ବ୍ୟକ୍ତ କରିଛନ୍ତି ରାବାନାୟୁ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପ୍ରଧାନ ।

ପଶୁ ଚିକିତ୍ସା କେନ୍ଦ୍ରର କୋଠା ସହ ଗ୍ରାମ୍ୟ ଜଙ୍ଗଲ ଜମିକୁ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଜବରଦଖଲ ଅଭିଯୋଗ

ଧାମନଗର, ୨୬/୨ (ଆ.ପ୍ର) : ଧାମନଗର ବ୍ଲକ ଅଧୀନ ଅନନ୍ଦପୁର ପଂଚାୟତର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କର୍ତ୍ତୃପକ୍ଷଙ୍କ ଦ୍ୱାରା ସରକାରୀ ଜମି ଓ ପଶୁ ଚିକିତ୍ସା କେନ୍ଦ୍ରର କୋଠାକୁ ବେଆଇନ ଭାବେ କବଜା କରିନେଇଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, ଆନନ୍ଦପୁର ରାଜସ୍ୱ ଗ୍ରାମର ଖାତା ନଂ-୫୯୯, ପ୍ଲଟ ନଂ-୧୦୪୮ରେ ଥିବା ଗୋଚର ଜମିରେ ୨୦୧୧ ମସିହାରେ ପ୍ରାୟ ୧୫ ଲକ୍ଷ ଟଙ୍କା ବ୍ୟୟରେ ପଶୁ ଚିକିତ୍ସା କେନ୍ଦ୍ର ନିର୍ମାଣ କରାଯାଇଥିଲା । ଏହା ସହିତ କୃତ୍ରିମ ପ୍ରଜନନ କେନ୍ଦ୍ର ମଧ୍ୟ କାର୍ଯ୍ୟରତ ଥିଲା । କିନ୍ତୁ ଷ୍ଟାଫ୍ ଅଭାବରୁ ୨୦୨୧ ମସିହାରୁ କେନ୍ଦ୍ରଟି ଅଚଳ ହୋଇପଡ଼ିଥିବା କୁହାଯାଇଛି । ଗାଁଗୁଳାକଙ୍କ ଅଭିଯୋଗ ଅନୁଯାୟୀ ବିଦ୍ୟାଳୟ ବାଉଣ୍ଡରିକୁ ଲାଗି ରହିଥିବା ପଶୁ ଚିକିତ୍ସା କେନ୍ଦ୍ର ୨ଚାଲା କୋଠାକୁ ସ୍କୁଲ ନିଜ ଅକ୍ତିଆରକୁ ନେଇ ସେଠାରେ ପଢା ଜାମ, ଗ୍ରୀଲ ଲଗାଇବା ସହ ଅଫିସ ସ୍ଥାପନ ପାଇଁ ପ୍ରସ୍ତୁତି ଚଳାଇଛି । ଏହା ପାଇଁ ପ୍ରଶାସନିକ ଅନୁମତି ଅଛି କି ନାହିଁ, ସେନେଇ ଲୋକମାନେ ପ୍ରଶ୍ନ ଉଠାଇଛନ୍ତି । ଏହା ସହିତ ସମାନ ଖାତାର ପ୍ଲଟ ନଂ-୧୦୫୦ (ଗ୍ରାମ୍ୟ ଜଙ୍ଗଲ ଜିସମ) ଜମିରେ ସାଇକେଲ ଷ୍ଟାଣ୍ଡ ଓ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ହେଉଥିବା ବେଳେ ପ୍ଲଟ ନଂ-୧୦୫୧, ୧୦୬୬ ଓ ୧୦୬୮ରେ ଥିବା ଅନାବାଦୀ ଓ ଜଙ୍ଗଲ ଜମି ଉପରେ ମଧ୍ୟ ଜବରଦଖଲ କରିଥିବା ଅଭିଯୋଗ ହୋଇଛି । ଏନେଇ ପ୍ରଧାନ ଆଚାର୍ଯ୍ୟଙ୍କୁ ପଚାରିବାରୁ କୁହନ୍ତି ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଦେବେନ୍ଦ୍ର ସାହୁ ପଚାରନ୍ତୁ ସେ ଏହି କାର୍ଯ୍ୟ କରୁଛନ୍ତି । ତେବେ ପରିଚାଳନା କମିଟି ସଦସ୍ୟ ଦେବେନ୍ଦ୍ର ସାହୁ କହିଛନ୍ତି । ପଶୁ ଚିକିତ୍ସା ବିଭାଗର ଅଧିକାରୀଙ୍କ ସହ ଆଲୋଚନା ପରେ କୋଠାକୁ ନବୀକରଣ କରାଯାଇଛି ସେଠାରେ ବିଦ୍ୟାଳୟ ଅଫିସ କାର୍ଯ୍ୟ ଚାଲିବ । ଅନ୍ୟପକ୍ଷେ ଧାମନଗର ପଶୁ ଚିକିତ୍ସା ବିଭାଗ ଭିଏସ୍ ଡ଼ାକ୍ତର ରାଣୀ ତପସ୍ୱୀଙ୍କ ପଚାରିବାରୁ କୁହନ୍ତି ଷ୍ଟାଫ୍ ଅଭାବରୁ କୋଠା ବନ୍ଦ ହୋଇ ରହିଥିଲା । ଅସ୍ଥାୟୀ ବ୍ୟବସ୍ଥାର ପାଇଁ ଅନୁରୋଧ କରିଥିଲେ ମୁଁ ମାନଙ୍କରିବା ସ୍ଥିତ ସେମାନେ ଜୋର୍ ଜବରଦସ୍ତ କବଜା କରି କାର୍ଯ୍ୟ କରୁଛନ୍ତି । ଏନେଇ ମୁଁ ଥାନାରେ ଲିଖିତ ଅଭିଯୋଗ କରିବା ସହ ଉପସ୍ଥିତ ଅଧିକାରୀଙ୍କୁ ଜଣାଇଛି । ତେବେ ସରକାରୀ ନିୟମ ଅନୁଯାୟୀ ଗ୍ରାମ୍ୟ ଜଙ୍ଗଲ ଜମିରେ ସ୍ଥାୟୀ ନିର୍ମାଣ ନିଷିଦ୍ଧ । ଏଥିରି ସ୍ଥିତିରେ ନିର୍ମାଣ କାର୍ଯ୍ୟ କିପରି ଚାଲିଛି ଓ ସରକାରୀ ସମ୍ପତ୍ତିର ବ୍ୟବହାର କେଉଁଦୂର ଆଇନସଙ୍ଗତ ସେନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ଆଲୋଚନା ଓ ତର୍କ ବୃଦ୍ଧି ପାଇଛି । ଘଟଣାର ନିଷ୍ପକ୍ଷ ତଦନ୍ତ ପାଇଁ ତହସିଲଦାର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ଦାବୀ ହୋଇଛି ।

ଦକ୍ଷିଣ କେନାଲ ବିଭାଜନ-୧, ମୁଖିଗୁଡ଼ାରେ ଅନିୟମିତତା ଅଭିଯୋଗ

କଳାହାଣ୍ଡି, ୨୬/୨ (ଆ.ପ୍ର) : ଅଧିକ୍ଷକ ଯନ୍ତ୍ରୀ ରାଜ କୁମାର ବେହେରାଙ୍କ ବିରୋଧରେ ଠିକାଦାରମାନଙ୍କ ଗୁରୁତର ଆପତି, ଲିଜିଲାନ୍ କ୍ରତନ ଦାବି ଜୋରଦାର ମୁଖିଗୁଡ଼ା: ଦକ୍ଷିଣ କେନାଲ ବିଭାଜନ-୧, ମୁଖିଗୁଡ଼ାରେ ପୂର୍ତ୍ତ କାର୍ଯ୍ୟରତ ଥିବା ଅଧିକ୍ଷକ ଯନ୍ତ୍ରୀ ରାଜ କୁମାର ବେହେରାଙ୍କ ବିରୋଧରେ ଦୁର୍ନୀତି ଓ ପକ୍ଷପାତିତ୍ୱର ଗୁରୁତର ଅଭିଯୋଗ ଉଠିଛି । ସ୍ଥାନୀୟ ଠିକାଦାରମାନଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ କାର୍ଯ୍ୟକାଳ ସମୟରେ ବିଭାଗର ବିଭିନ୍ନ କାମରେ ପାରଦର୍ଶିତା ରହିନଥିବା ଏବଂ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଗତ ଠିକାଦାରଙ୍କୁ ପ୍ରାଥମ୍ୟ ଦେଇ ଅର୍ଥ ମୁକ୍ତ କରାଯାଇଥିବା ଅଭିଯୋଗ ଆସିଛି । ଠିକାଦାରମାନଙ୍କ କହିବା ଅନୁସାରେ, ବହୁ କାମ ସମ୍ପାଦିତ ହୋଇଥିଲେ ମଧ୍ୟ ପଣ୍ଡ ଆବିଷ୍କାର ପରେ କେବଳ କିଛି ନିଜସ୍ୱ ଠିକାଦାରଙ୍କ ନାମରେ ଅର୍ଥ ମୁକ୍ତ କରାଯାଇଥିଲା । ଏହା ଫଳରେ ଛୋଟ ଓ ମଝିଆରା ଠିକାଦାରମାନେ ଦୀର୍ଘ ସମୟ ଧରି ଅର୍ଥ ପାଇଁ ଅପେକ୍ଷା କରିଥିବାରୁ ଆର୍ଥିକ ସଙ୍କଟରେ ପଡ଼ିଥିବା କହିଛନ୍ତି । ତେବେବ ଅଭିଯୋଗରେ ଏହା ମଧ୍ୟ ଜଡିଛି ଯେ, ଅଧିକ ରାଶି ଗ୍ରହଣ କରି ବ୍ୟକ୍ତିଗତ ପସନ୍ଦର ଠିକାଦାରଙ୍କୁ ଲାଭ ପାଇବାକୁଥିଲା । ସ୍ଥାନୀୟ ମହଜର ଅଭିଯୋଗ ଅନୁଯାୟୀ, ଦୀର୍ଘ ବର୍ଷ ଧରି ସେ ଜଳ ସମ୍ପଦ ବିଭାଗରେ କାର୍ଯ୍ୟରତ ରହି ଏକ ମୁକ୍ତ କରାଯାଇଥିବା ଅଭିଯୋଗ ଆସିଛି । ଠିକାଦାରମାନଙ୍କ କହିବା ଅନୁସାରେ, ବହୁ କାମ ସମ୍ପାଦିତ ହୋଇଥିଲେ ମଧ୍ୟ ପଣ୍ଡ ଆବିଷ୍କାର ପରେ କେବଳ କିଛି ନିଜସ୍ୱ ଠିକାଦାରଙ୍କ ନାମରେ ଅର୍ଥ ମୁକ୍ତ କରାଯାଇଥିଲା । ଏହା ଫଳରେ ଛୋଟ ଓ ମଝିଆରା ଠିକାଦାରମାନେ ଦୀର୍ଘ ସମୟ ଧରି ଅର୍ଥ ପାଇଁ ଅପେକ୍ଷା କରିଥିବାରୁ ଆର୍ଥିକ ସଙ୍କଟରେ ପଡ଼ିଥିବା କହିଛନ୍ତି । ଏହେତେ ଅଭିଯୋଗରେ ଏହା ମଧ୍ୟ ଜଡିଛି ଯେ, ଅଧିକ ରାଶି ଗ୍ରହଣ କରି ବ୍ୟକ୍ତିଗତ ପସନ୍ଦର ଠିକାଦାରଙ୍କୁ ଲାଭ ପାଇବାକୁଥିଲା । ସ୍ଥାନୀୟ ମହଜର ମଧ୍ୟ ମୂଳକ

ଆରମ୍ଭ

SEITHO ARAMBHA

ଶୁକ୍ରବାର, ୨୭ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ବାଲେଶ୍ୱର ସିଭିଲ୍ ସୋସାଇଟି ପକ୍ଷରୁ ରାଜ୍ୟର ଖଣି, ପାଣି, ଜଙ୍ଗଲ ଓ ପରିବେଶ ସୁରକ୍ଷା ପାଇଁ 'ଲୋକଯାତ୍ରା'ର ଅଭିଯାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ଓ ସାଧାରଣ ସଭା

ବାଲେଶ୍ୱର, ୨୬/୦୨ (ଆ.ପ୍ର) : ରାଜ୍ୟର ଖଣି, ପାଣି, ଜଙ୍ଗଲ, ଜମି ଓ ପରିବେଶ ସୁରକ୍ଷାପାଇଁ 'ଲୋକଶକ୍ତି ଅଭିଯାନ', 'ଜନଆନ୍ଦୋଳନମାନଙ୍କ ରାଷ୍ଟ୍ରୀୟ ସମନ୍ୱୟ ସେଷ୍ଟର ଫର୍ ଲୁଇମେଟ୍ ଜଷ୍ଟିସ୍' ବିଭିନ୍ନ ଗାନ୍ଧିବାଦୀ ସଂଗଠନ ଓ ସାଧାରଣ ଜନତାଙ୍କ ସୁରକ୍ଷା ପାଇଁ ଲଢୁଥିବା ସଂଗଠନମାନଙ୍କୁ ନେଇ ଲୋକ ଅଧିକାର ଯାତ୍ରୀମାନେ ଗୁରୁବାର ପୂର୍ବାହ୍ଣରେ ବାଲେଶ୍ୱର ସହରରେ ପହଞ୍ଚିବା ପରେ ପୋଲିସ୍‌ଲାଇନ୍ ଛକରେ ଥିବା ଡ. ବାବାସାହେବ ଆମ୍ବେଦକର ଏବଂ ଫକୀରମୋହନ ଗୋଲେଇରେ ବ୍ୟାସବିଙ୍କ ମୂର୍ତ୍ତିୟରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ । ବାଲେଶ୍ୱର ସିଭିଲ୍ ସୋସାଇଟି ପକ୍ଷରୁ ପ୍ରାନୀୟ ଷ୍ଟେସନ କ୍ଲବ୍ ସଭାଗୃହରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅଭିଯାତ୍ରୀମାନେ ପହଞ୍ଚିବାପରେ ସୋସାଇଟି ପକ୍ଷରୁ ଓ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ଗଣସଂଗଠନମାନଙ୍କ ପକ୍ଷରୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ମହିଳା ସଂଗଠନମାନଙ୍କ ପକ୍ଷରୁ ଶଙ୍ଖ, ହୁଳହୁଳି ସହିତ ଅଭିଯାତ୍ରୀମାନଙ୍କୁ ଚନ୍ଦନ ଟିପା ଦିଆଯାଇଥିଲା । ସମ୍ବର୍ଦ୍ଧନା ସଭାରେ ସିଭିଲ୍ ସୋସାଇଟିର ସଭାପତି ଅନନ୍ତର୍ଯ୍ୟାମୀ ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ବିଶିଷ୍ଟ ପରିବେଶବିତ୍ ତଥା ଗ୍ରୀନ୍ ନୋବେଲ୍ ବିଜେତା ପ୍ରଫୁଲ୍ଲ ସାମନ୍ତରାଙ୍କ ସମେତ କୃଷକନେତା ଲିଙ୍ଗରାଜ ଜନଆନ୍ଦୋଳନମାନଙ୍କ ରାଷ୍ଟ୍ରୀୟ ସମନ୍ୱୟ ସମିତିର ଆବାହକ ନରେନ୍ଦ୍ର ମହାନ୍ତି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଷ୍ଟ୍ରୀୟ ନେତା ଡା. ବିଶ୍ୱଜିତ୍, ପରିବେଶବିତ୍ ତଥା ବିଶିଷ୍ଟ ସମାଜସେବୀ ଜଳ୍ୟାଣ ଅନନ୍ଦ ସେମାନଙ୍କ ବକ୍ତବ୍ୟରେ ଆମ ରାଜ୍ୟର ଖଣି, ପାଣି, ଜଙ୍ଗଲ ଓ କୃଷିକ୍ଷେତ୍ରକୁ ବର୍ବାଦ କରି ବିକାଶ ନାମରେ ସରକାରଙ୍କ ପ୍ରୋତ୍ସାହନରେ କର୍ପୋରେଟ୍ ହାଉସ୍‌ର ରାହୁ ପୁଞ୍ଜିପତିମାନେ ଯେପରି ବିନାଶ ପ୍ରକ୍ରିୟା ଚାଲୁ ରଖିଛନ୍ତି ତାହାର କୁପରିଣାମ ବର୍ତ୍ତମାନ ପିଢ଼ିର ମଣିଷ ପ୍ରାକୃତିକ ପରିବେଶ ସମସ୍ୟା ଭୋଗୁଛନ୍ତି । ଅସମୟରେ ବର୍ଷା, ଶୀତ ଓ ଗ୍ରୀଷ୍ମପ୍ରବାହ ମାନବ ସମାଜକୁ ଅକାଳ ମୃତ୍ୟୁମୁଖକୁ ଟାଣିନେଉଛି । ଭୋଗବାଦର ଶୀକାର ହୋଇ ଆବଶ୍ୟକତାଠାରୁ ଅଧିକ ପ୍ରାକୃତିକ ସମ୍ବଳକୁ ବିନିଯୋଗ କରିବା ଫଳରେ ଆଗାମୀ ପିଢ଼ିର ମାନବ ସମାଜପାଇଁ ପ୍ରକୃତିବଳ କୌଣସି ସମ୍ପଦ ରହିବନାହିଁ । ତେଣୁ ବିଭିନ୍ନ ଅଞ୍ଚଳରେ ଲୋକ ଏହି ତଥାକଥିତ ବିକାଶକୁ ବିରୋଧ କରୁଛନ୍ତି । ଏବେବାଲୁ ସାଧାରଣ ଜନତା ଏହି ଲୋକଯାତ୍ରାର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ ହୋଇ ପ୍ରକୃତି ଓ ପରିବେଶ ସୁରକ୍ଷା ପାଇଁ ସ୍ୱତଃସ୍ଫୂର୍ତ୍ତ ଜନ ସଚେତନତା ଓ ଜନଆନ୍ଦୋଳନ ଗଢ଼ି ତୋଳିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ । ଗତ ୨୫ ତାରିଖ ମଧ୍ୟଭାଗରୁ ଜନୁସ୍ଥାନ ସତ୍ୟଭାମପୁରରୁ ଏହି ଯାତ୍ରା ଆରମ୍ଭ ହୋଇ ସମଗ୍ର ରାଜ୍ୟ ପରିକ୍ରମା କରିବା ପରେ ଆସନ୍ତା ମାର୍ଚ୍ଚ ୨୯ ତାରିଖ ସହିତ ଲକ୍ଷ୍ନୌ ନାୟକଙ୍କ ବଳିଦାନ ଦିବସରେ ଭୁବନେଶ୍ୱରରେ ପହଞ୍ଚିବ । ଏହିଦିନ ଏକ ବିରାଟ ଜନସଭାରେ ରାଷ୍ଟ୍ରୀୟ ନେତାମାନେ ଯୋଗଦେବେ । ତେଣୁ ବାଲେଶ୍ୱରର ସାଥୀମାନେ ଏହି ଯାତ୍ରାରେ ଯୋଗଦେବାକୁ ସେମାନେ ନିବେଦନ କରିଥିଲେ । ବାଲେଶ୍ୱରଗୁଡ଼ି ଅଭିଯାତ୍ରୀମାନେ ଅପରାହ୍ନରେ ମୟୂରଭଞ୍ଜ ଜିଲ୍ଲାକୁ ଯାତ୍ରାରମ୍ଭ କରିଛନ୍ତି । ତଦାହି ଅବସରରେ ଗାନ୍ଧି ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ଅଭିଯାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ସିଭିଲ୍ ସୋସାଇଟିର ସାଧାରଣ ସଂପାଦକ ମନୋଜ ନାୟକ ସଭାରେ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଗାନ୍ଧିକିଶୋର ସୁନାନୀ ଓ ତାଙ୍କ ସାଥୀ ଦେବିପ୍ରସାଦ ସଂଗୀତ ଗାନ କରିଥିଲେ । ସୋସାଇଟିର ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ଉପସ୍ଥିତମାନଙ୍କୁ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସନ୍ତୋଷ କୁମାର ସାହୁ, ସଚ୍ଚିଦାନନ୍ଦ ପଣ୍ଡା, ପ୍ରତିମା ପଣ୍ଡା, ଭରତ ଚନ୍ଦ୍ର ସେଠୀ, ଅରୁଣ ଜେନା ଓ ସଂପ୍ରଭା ଦେହେରା ପ୍ରମୁଖ ସହଯୋଗ କରିଥିଲେ ।

ଖପରାପଦା ସାର୍ବଜନୀନ ମା' କାଳୀ ପୂଜା, ଗ୍ରାମୀଣ ମେଳା ଓ ମହୋତ୍ସବ-୨୦୨୬ ଉଦ୍‌ଘାଟିତ

ଖପରାପଦା, ୨୬/୦୨ (ଆ.ପ୍ର) : ବାଲିଆପାଳ ବ୍ଲକ ଶ୍ରୀରାମପୁର ପଂଚାୟତ ଅଧିନସ୍ଥ ଖପରାପଦା ବଜାର ଠାରେ ସାର୍ବଜନୀନ ମା' କାଳୀ ପୂଜା, ଗ୍ରାମୀଣ ମେଳା ଓ ମହୋତ୍ସବ-୨୦୨୬ ଉଦ୍‌ଘାଟିତ ହୋଇଯାଇଛି ଶୁଏଣ୍ଡରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବକ୍ତା ବିଧାୟିକା ସୁରାସିନୀ ଜେନା ଯୋଗ ଦେଇ ମା' କାଳୀଙ୍କ ଆଶୀର୍ବାଦ ଭିକ୍ଷା କରି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ । ଶ୍ରମଜୀବକାରୀ ପୂର୍ଣ୍ଣଚନ୍ଦ୍ରା ସୁବର୍ଣ୍ଣରେଖା ନଦୀରୁ ଘଟୋଲତୋଳନ କରାଯାଇ ମା' କାଳୀଙ୍କ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଥିଲା । ବୁଧବାର ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ କମିଟିର କରିଷ୍ଠ ସଦସ୍ୟ ପରମାନନ୍ଦ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟିକା ଶ୍ରୀମତୀ ଜେନା, ମୁଖ୍ୟ ବକ୍ତା ଭାବେ ଶ୍ରୀରାମପୁର ସରପଂଚ ଦେବ କୁମାର ଦେ, ସମ୍ମାନୀତ ଅତିଥି ଭାବେ ବାଲିଆପାଳ ବ୍ଲକ ବିଡିଓ ସଭାପତି ଗୋବିନ୍ଦ ପ୍ରସାଦ ଦାସ, ଜିଲ୍ଲା ପରିଷଦ ସଦସ୍ୟା ନିଶାକର ସେଠୀ, ବେଣୁଧର ଜେନା, ଦେବୋଗ ପଂଚାୟତ ସରପଂଚଙ୍କ ପ୍ରତିନିଧି ମୃତ୍ୟୁଞ୍ଜୟ ନାୟକ, ଶ୍ରୀରାମପୁର ପଂଚାୟତ ସମିତି ସଦସ୍ୟାଙ୍କ ପ୍ରତିନିଧି ଲଳନ ଦେହେରା, ମଧୁସୂଦନ ପଂଚାୟତର ପୂର୍ବତନ ସମିତି ସଦସ୍ୟ ମନୁଥ ବାରିକ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଋଷକମିଟିର ସଦସ୍ୟ ସାମ୍ବାଦିକ ଗୋପନାରାୟଣ ଜେନା ମଂଚ ଆହ୍ୱାନ, ଅତିଥି ପରିଚୟ ଏବଂ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରହ୍ଲାଦ ଚରଣ ଜେନା, ମହେଶ୍ୱର ପାତ୍ର, ପ୍ରସନ୍ନକିତ ପ୍ରଧାନ, ପ୍ରବୋଧ କୁମାର ସାହୁ, ସ୍ୱଦେଶ କୁମାର ସାହୁ, ସଂଜୟ ଜେନା, ଅନନ୍ତ ଜେନା, ରାଧାକୃଷ୍ଣ ଦାସ, ମାନସ ଦାସ, ଜ୍ୟୋତି ସାଗର ଦେହେରା, ଚନ୍ଦନ ରାଜ, ଶ୍ରୀଧର ସାହୁ, ନିତ୍ୟାନନ୍ଦ ପାତ୍ର, ଜୁନା ପାତ୍ର, ବାନ୍ତ ଦେ, କବି ଦେପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପ୍ରାରମ୍ଭରେ ବିଭିନ୍ନ ବିଦ୍ୟାଳୟର ଜୁନି ଜୁନି ପିଲାଙ୍କ ଦ୍ୱାରା ପ୍ରତିମା ଅନୁଧ୍ୟାନ କାର୍ଯ୍ୟକ୍ରମ ଏବଂ ସଭା ପରେ ଭୋଗରାଇର ବିଶ୍ୱଭାରତୀ ଡାନ୍ସ ଗ୍ରୁପର କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧି ରଖିଥିଲା ।

ସହଦେବଖୁଂଟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଜନଆରୋଗ୍ୟ ସମିତି ବୈଠକ

ବାଲେଶ୍ୱର, ୨୬/୦୨ (ଆ.ପ୍ର) : ସହଦେବଖୁଣ୍ଟା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଜନ ଆରୋଗ୍ୟ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ପୌର ପରିଷଦର ୨୨ ନମ୍ବର ୱାର୍ଡ଼ର କାଉନ୍‌ସିଲର ଦେବାଶିଷ ସିଂହ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ । ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରବୀର କୁମାର କର, ସହକାରୀ କାର୍ଯ୍ୟକ୍ରମ ସଂଯୋଜିକା ଶାଶ୍ୱତୀ ମହାପାତ୍ର, ଡା. ଅରୁପ ଅଭିଷେକ, ଜନଆରୋଗ୍ୟ ସମିତିର ସଦସ୍ୟ ସଞ୍ଚୟ ଚୌଧୁରୀ, ସରସ୍ୱତୀ ପଣ୍ଡା ଓ ଗୌରାଙ୍ଗ ପାଣିଗ୍ରାହୀ, ଇଂ. ଶିତିନ୍ଦ୍ର ନାୟକ, କମଳଲୋଚନ ପରିଡ଼ା, କମଳ ଲୋଚନ ପାତ୍ର, ଦମୟନ୍ତୀ ଶତପଥୀ, ମିନାକ୍ଷୀ ପଣ୍ଡା, ଉପସ୍ଥିତ ଦାସ, ଯାଜ୍ଞସେନୀ ଦେହେରା ଓ ମେଡିକାଲ୍ ଅଫିସର୍ ଡା. ଲଖୋରର ବକ୍ତ ପ୍ରମୁଖ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସ୍ୱାସ୍ଥ୍ୟକେନ୍ଦ୍ରର ଭିଲିଜିମ୍ବି ସୁବୃଦ୍ଧ କରାଯାଇ ରୋଗୀମାନଙ୍କୁ ଅଧିକ ଉନ୍ନତ ଓ ସଠିକ୍ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇ ପାରିବ ସେ ସମ୍ପର୍କରେ ବିଶଦ ଆଲୋଚନା ହୋଇଥିଲା । ରୋଗୀସେବା କ୍ଷେତ୍ରରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ବହୁ ସୁନାମ ଅର୍ଜନ କରିପାରିଛି । ତେଣୁ ଏହି ଧାରାକୁ ବଜାୟ ରଖିବା ବିଚାରେ ପରିଚାଳନା ସମିତିର ସଦସ୍ୟମାନେ ବିଭିନ୍ନ ପରାମର୍ଶ ଦେଇଥିଲେ । ପରମେଶ୍ୱର ବାରିକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ତ୍ରିପୁରେଶ୍ୱର ବଜାରରେ ମା' ମନସା ଏବଂ ମା' କାଳୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ

ବାଲିଆପାଳ, ୨୬/୦୨ (ଆ.ପ୍ର) : ବଳରାମପୁର ପଂଚାୟତ ତ୍ରିପୁରେଶ୍ୱର ବଜାରରେ ମା' ମନସା ଦେବୀ ଏବଂ ମା କାଳୀ ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସର ରେ ସଜାଳେ ପାଂଚଶହରୁ ଊର୍ଦ୍ଧ୍ୱ ମହିଳାଙ୍କ ଦ୍ୱାରା ଜଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ମହିଳା ମାନେ ଲଙ୍ଗଳେଶ୍ୱରସ୍ଥିତ ପାର୍ବତୀ ନଦୀରୁ ପାଣି ଭରିଆ ଶୋଭାଯାତ୍ରା କରି ତ୍ରିପୁରେଶ୍ୱର ବଜାର ପର୍ଯ୍ୟନ୍ତ ଆସି ଥିଲେ । ଜଳସ ଶୋଭାଯାତ୍ରା ପରେ ଲକ୍ଷ ଏବଂ ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହେବା ସହ ନୂତନ ମନ୍ଦିର ର ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆସନ୍ତା କାଲି ପାଂଚ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ମାନଙ୍କ ପାଂଚ ପ୍ରସାଦ ସେବନର ବ୍ୟବସ୍ଥା କରା ଯାଇ ଥିବା ବେଳେ କାର୍ଯ୍ୟକ୍ରମକୁ ପରିଚାଳନା ରେ ମା ମନସା ମନ୍ଦିର ର ଦାତା ରାଧାକୃଷ୍ଣ କେନା, ତ୍ରିପୁରେଶ୍ୱର ବଜାର କମିଟି ସଭାପତି ତଥା ବଳରାମପୁର ପଂଚାୟତର ସରପଂଚ ଅରୁଣ ପାଣିଗ୍ରାହୀ, ବଜାର କମିଟି ସମ୍ପାଦକ ଦେବେନ୍ଦ୍ର ରାଉତ, ସନ୍ତୋଷ ଗିରି, କାର୍ତ୍ତିକ ଧଳ, ଶମ୍ଭୁନାଥ ସାହୁ, ଗିରିଜା ଶଙ୍କର ସାହୁ, ମନୋଜ କୁମାର ପାତ୍ରଙ୍କ ସମେତ ତ୍ରିପୁରେଶ୍ୱର ବଜାର କମିଟିର ସମସ୍ତ ଦୋକାନୀ ପ୍ରମୁଖ ସହଯୋଗ କରିଥିଲେ ।

'ଓଡ଼ିଆ ଭାଷାବିକାଶ ଆନ୍ଦୋଳନ' ପକ୍ଷରୁ ଭାଷାପକ୍ଷ ଓ କୁଟୀର ବହିମେଳାର ଚତୁର୍ଥ ଦିବସରେ ଅନୁଷ୍ଠିତ ହେଲା କବି ପ୍ରଶାନ୍ତ ଦାସ ସାହିତ୍ୟ ସନ୍ଧ୍ୟା

ବାଲେଶ୍ୱର, ୨୬/୦୨ (ଆ.ପ୍ର) : ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତତ୍ତ୍ୱାବଧାନରେ ଚାଲିଥିବା ଭାଷାପକ୍ଷ ଓ କୁଟୀର ବହିମେଳାର ଚତୁର୍ଥ ଦିବସରେ କବି ପ୍ରଶାନ୍ତ ଦାସ ସାହିତ୍ୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି । ଗାଳ୍ପିକ ନିବାରଣ ଚନ୍ଦ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଭବ୍ୟ ସାରସ୍ୱତ ସନ୍ଧ୍ୟାରେ ଯୁବ ଗବେଷିକା ଲୋପାମୁଦ୍ରା ଦାସ, କବି ମଧୁସୂଦନ ମିଶ୍ର ଓ ଶୁଭଶ୍ରୀ ବାଶ ଆଲୋକକ ଭାବେ ଯୋଗ ଦେଇ କବି ପ୍ରଶାନ୍ତ ଦାସଙ୍କ ସମଗ୍ର ସାରସ୍ୱତ ସର୍ଜନା ସମ୍ପର୍କରେ ଆଲୋଚନା କରିଥିଲେ । କବିଙ୍କ କବିତାରେ ପ୍ରେମ ଓ ପ୍ରଣୟର କାର୍ତ୍ତା ସହ ମାନବଜାତି ପାଇଁ ସମ୍ବେଦନା ଏବଂ ମାଆ ଓ ମାଟିର ଜୟଗାନର ସ୍ୱର ଶୁଣେ ବୋଲି ଆଲୋଚକମାନେ ମତବ୍ୟକ୍ତ କରିଥିଲେ । କବି ଶ୍ରୀଯୁକ୍ତ ଦାସ ତାଙ୍କ ବକ୍ତବ୍ୟରେ କହିଲେ ଯେ ଅତିବେଦନ ମନରେ ପୁଞ୍ଜିଭୂତ ଥିବା ଶବ୍ଦ ଓ ଭାବନା ବେଳେବେଳେ ଅକସ୍ମାତ କବିତା ହୋଇ କାଗଜ କଲମରେ ପୁଟିଯାଉଛି । ନିଜର ସ୍ୱାକ୍ଷର ବହନ କରୁଥିବା କବିତା ହିଁ କାଳଜୟୀ ହୋଇଥାଏ । କବି ଶ୍ରୀଦେବ, ଡକ୍ଟର ରତ୍ନାକର ସିଂହ, ସୀତାଞ୍ଜଳି ଶତପଥୀ, ଡକ୍ଟର ସମରବଲ୍ଲଭ ଭୋଇ, ତ୍ରିନାଥ ନନ୍ଦୀ, କୁମାରନାଥ ପାତ୍ର ପ୍ରମୁଖ କବିଙ୍କ ବିଭିନ୍ନ କବିତା ଆବୃତ୍ତି କରିଥିଲେ । ଅନୁଷ୍ଠାନର ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ଉତ୍ସବର ଆଲିମୁଖ୍ୟ ସଂପର୍କରେ ସୂଚନା ପ୍ରଦାନ କରିଥିବାବେଳେ ଗବେଷକ ଡକ୍ଟର କଜଲାଶ ପଟ୍ଟନାୟକ କବି ଶ୍ରୀ ଦାସଙ୍କ ସୃଷ୍ଟି ସମ୍ଭାର ସଂପର୍କରେ ବକ୍ତବ୍ୟ ରଖିଥିଲେ । ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ରଚିତ ତଥା କବି ଶ୍ରୀ ଦାସଙ୍କ ଉପରେ ଆଧାରିତ ଗୋଟିଏ ଉପସ୍ଥିତ ଥିଲେ ।

ସରକାରୀ କଟକଣାକୁ ଫୁ କରି ବିଚ ରାସ୍ତାରେ ବାଜୁଛି ଡିଜେ



ବାଲିଆପାଳ, ୨୬/୦୨ (ଆ.ପ୍ର) : ବାଲିଆପାଳ ବ୍ଲକ ରେ ବିଭିନ୍ନ ଆଇନ ବ୍ୟବସ୍ଥା । ମେଟ୍ରିକ ପରୀକ୍ଷା ପାଇଁ ସରକାର ମାଇକ ବଜାଇବାକୁ ପରମିସନ ଦେଇନଥିବା ବେଳେ, ଡିଜେ ବଜାଇବାକୁ କିଏ ଦେଉଛି ଅନୁମତି. ସୂଚନା ଅନୁସାରେ ଡିଜେ ଉପରେ ସରକାର ସମ୍ପୂର୍ଣ୍ଣ କଟକଣା ଜାରି କରିଛନ୍ତି । ପୁଣି ଏବେ ଚାଲିଛି ମେଟ୍ରିକ ୫ + ୨ ପରୀକ୍ଷା, ଯିମାମାନଙ୍କର ପାଠ ପଢାରେ ଯେପରି କୌଣସି ସମସ୍ୟା ସୃଷ୍ଟି ନ ହୁଏ ସେଥିପାଇଁ ମାଇକ ପରମିସନକୁ ସମ୍ପୂର୍ଣ୍ଣ ବାତିଲ କରାଯାଇଛି । ତେବେ ଗତ କିଛି ଦିନ ଧରି ବାଲିଆପାଳ ବଜାର ସମେତ ବିଭିନ୍ନ ସ୍ଥାନ ରେ ଡିଜେ ଗର୍ଜନ କରୁଥିବା ବେଳେ କିଏ ସେମାନଙ୍କୁ ପରମିସନ ଦେଉଛି ତାହାକୁ ନେଇ ପ୍ରଶ୍ନ ବାଚୀ ସୃଷ୍ଟି ହୋଇଛି । ପୁଣି ଏସବୁକୁ ଜାରିକ କରିବାକୁ ପୋଲିସ ପ୍ରଶାସନ ତତ୍ପର ଥିବା ବେଳେ ବାଲିଆପାଳରେ ତାର ବ୍ୟତିକ୍ରମ ଦେଖା ଦେଉଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

ସମ୍ପର୍କ କବ୍ଳ ଦାନ୍ତୁଣିଦାର କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ



ବାଲିଆପାଳ, ୨୬/୦୨ (ଆ.ପ୍ର) : ବାଲିଆପାଳ ବ୍ଲକ ଅନ୍ତର୍ଗତ ଦୋଳକ ପଂଚାୟତ ଦାବୁଣିଦାର ଛକ ନିକଟରେ ୧୦ ଦିନ ଧରି ଅନୁଷ୍ଠିତ ହୋଇଥିବା ଅଲ ଓଡ଼ିଶା ସମ୍ପର୍କ କବ୍ଳ ଦାବୁଣିଦାର ଆନୁକୂଲ୍ୟରେ କ୍ରିକେଟ ଟୁର୍ଣ୍ଣାମେଂଟ ମ୍ୟାଚ ବୁଧବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଂଟର ସମୁଦାୟ ଓଡ଼ିଶା ରୁ ବିଭିନ୍ନ ଜିଲ୍ଲାରୁ ଆଠଟି ଟିମ୍ ଅଂଶ ଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚରେ ଡିସିସି ସବୁପୁରା କେନ୍ଦ୍ରାପଡା ପ୍ରଥମେ ବ୍ୟାଟିଂ କରି ୮ ୧ ରନ କରିଥିଲା । ଜବାବରେ ଇମେଜ ଏକାଦଶ ଲଢ଼ୁକ ୧ ରନ ଅଧିକ କରି ୮ ୨ ରନରେ ବିଜୟ ହାସଲ କରିଥିଲା । ସ୍ଥାନୀୟ ସରପଂଚ ସବିତା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବକ୍ତା ବିଧାୟିକା ସୁରାସିନୀ ଜେନା ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କାର ବିତରଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବାଲିଆପାଳ ବିଡିଓ ରାଧା ରଞ୍ଜନ ଦାଶ, ଆଇଆଇସି ସାରଖାନ ମୁର୍ମୁ, ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠି, ବେଣୁଧର ଜେନା, ସମାଜସେବୀ ମୃତ୍ୟୁଞ୍ଜୟ ନାୟକ, ପ୍ରତାପ କେଶରୀ ନାଥ ,ଦେବ କୁମାର ଦେ, ମନୁଥ ବାରିକ ପ୍ରମୁଖ, ବେଣୁଧର ଜେନା,ଦୁରୋର୍ଯ୍ୟ ନାୟକ ପ୍ରମୁଖ ଯୋଗଦେଇ ଥିଲେ । ବାରିପଦା ଡେଙ୍ଗେଡେଙ୍ଗ ଓ ବାଲିଆପାଳ ଲିମିଟେଡ ଦେହେରା ଖେଳ ପରିଚାଳକ ଭାବେ କାର୍ଯ୍ୟ ତୁଲାଇ ଥିଲେ ।କବ୍ଳର ସଭାପତି ଜ୍ଞାନ ରଞ୍ଜନ ଦାସ, ଉପସଭାପତି ରତିକାନ୍ତ ଦଳାଲ,ବିପକ୍ଷ କୁମାର ଜେନା,ଶରତ ଦେହେରା,ପ୍ରଶାନ୍ତ ଦଳାଲ,ଅମିତ ଜେନା ସତ୍ୟ ବଳାଲ, ସାଗର ଦଳାଲ,ପ୍ରଫୁଲ୍ଲ ମହାନ୍ତି, ରାମଚନ୍ଦ୍ର ଜେନା, ଜୀବନ ଜ୍ୟୋତି ମହାନ୍ତି,ସନୁ ଜେନା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ମାର୍ଚ୍ଚ ୫ରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବିକଶିତ ଭାରତ ୟୁଥ ପାର୍ଲାମେଂଟ-୨୦୨୬

ବାଲେଶ୍ୱର, ୨୬/୦୨ (ଆ.ପ୍ର) : ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆସନ୍ତା ମାର୍ଚ୍ଚ ୫ ତାରିଖ ୨୦୨୬ ରେ ବାଲେଶ୍ୱର ଜିଲ୍ଲା ସ୍ତରୀୟ 'ବିକଶିତ ଭାରତ ୟୁଥ ପାର୍ଲାମେଂଟ-୨୦୨୬' ଅନୁଷ୍ଠିତ ହେବାକୁ ଯାଉଛି । ଏହି କାର୍ଯ୍ୟକ୍ରମଟି ବିଶ୍ୱବିଦ୍ୟାଳୟର ସଭାନମନୀୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହେବ । ଏହି ୟୁଥ ପାର୍ଲାମେଂଟରେ 'ଜଗୁଣାକାକାନ ପରିସ୍ଥିତିରେ ୫୦ ବର୍ଷ: ଭ

ସମ୍ପାଦକ
ଆରମ୍ଭ
SEITHO ARAMBHA
ଶୁକ୍ରବାର, ୨୭ ଫେବୃୟାରୀ,୨୦୨୬ : ଭାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଅଧିକାର

ବର୍ତ୍ତମାନ ସମୟରେ "ଶିକ୍ଷାଗତ ଅଧିକାର", "ସୂଚନା ଅଧିକାର" ଓ "ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବାର ଅଧିକାର" ଆଦି ପ୍ରକାଶ କରୁଥିବା ଶବ୍ଦ ଗୁଡିକ ବାରମ୍ବାର ବ୍ୟବହାର କରାଯାଉଥିବାର ଦେଖା ଯାଉଛି । କହୁବାର ତୁମେ ମଧ୍ୟ ଅନୁଭବ କରିବ ଯେ, ତୁମର କେତେକ ଅଧିକାର ଅଛି । ସେହି ସମୟରେ ତୁମକୁ ମଧ୍ୟ କୁହାଯାଉଥାରେ, ତୁମ ଶିକ୍ଷକ ହୋଇ ପାରନ୍ତି ଯେ, ତୁମର ମଧ୍ୟ ଅନ୍ୟଲୋକମାନଙ୍କ ପ୍ରତି, ସମାଜପ୍ରତି, ଦେଶ ବା ମନୁଷ୍ୟ ସମାଜପ୍ରତି କେତେକ କର୍ତ୍ତବ୍ୟ ରହିଛି । ତୁମେ କ'ଣ ଭାବୁଛ ପ୍ରତ୍ୟେକ ବ୍ୟକ୍ତି ତାର ଅଧିକାର ଉପଭୋଗ କରୁଛି ଓ ତାର କର୍ତ୍ତବ୍ୟ ସମ୍ପାଦନ କରୁଛି ବୋଧହୁଏ ନୁହଁ । କିନ୍ତୁ ପ୍ରତ୍ୟେକ ଏକମତ ହେବ ଯେ, କେତେକ ଅଧିକାର ରହିଛି, ଯାହାକି ପ୍ରତ୍ୟେକ ନାଗରିକ ଉପଭୋଗ କରନ୍ତି । ନିର୍ଦ୍ଦିଷ୍ଟ ଭାବରେ, ଆମଦେଶଭଳି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ପ୍ରତ୍ୟେକ ଅଧିକାର ଅଛି ଯାହାକି ପ୍ରତ୍ୟେକ ନାଗରିକକୁ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦିଆ ଯାଇଛି । ସେହିପରି କେତେକ କର୍ତ୍ତବ୍ୟ ଅଛି, ଯାହାକି ପ୍ରତ୍ୟେକ ଗଣତାନ୍ତ୍ରିକ ରାଷ୍ଟ୍ରର ନାଗରିକ ସମ୍ପାଦନ କରିବାକୁ ବାଧ୍ୟ । ସେଥିପାଇଁ ଭାରତର ସମ୍ବିଧାନ ତାର ନାଗରିକ ମାନଙ୍କୁ କେତେକ ଅଧିକାର ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଛି, ଯାହାକୁ ମୌଳିକ ଅଧିକାର କୁହାଯାଏ । ଅନ୍ୟପକ୍ଷରେ ଭାରତୀୟ ସମ୍ବିଧାନ କେତେକ ମୌଳିକ କର୍ତ୍ତବ୍ୟ ତାଲିକାଭୁକ୍ତ କରିଛି, ଯାହାକି ପ୍ରତ୍ୟେକ ନାଗରିକ ସମ୍ପାଦନ କରିବା ଆଶାକରାଯାଏ । ଏହାକୁ ମୌଳିକ କର୍ତ୍ତବ୍ୟ କୁହାଯାଏ । ଏହି ଅଧ୍ୟାୟ ମୌଳିକ ଅଧିକାର ଓ ମୌଳିକ କର୍ତ୍ତବ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବାର ଲକ୍ଷ୍ୟ ରଖାଯାଇଛି । ଆମେ ବହୁ ସମୟରେ 'ଅଧିକାର' ବିଷୟରେ ଆଲୋଚନା କରୁ, କିନ୍ତୁ ତୁମେ ଜାଣକି "ଅଧିକାର"ର ଅର୍ଥ କ'ଣ "ଅଧିକାର" ହେଉଛି, ଲୋକମାନଙ୍କ ଭିତରେ ନିୟମର ଆଦାନ ପ୍ରଦାନ । ଏହା ଗୋଟିଏ ରାଷ୍ଟ୍ର, ବ୍ୟକ୍ତି କିମ୍ବା ବନ୍ଧନ କାର୍ଯ୍ୟ ଉପରେ ପ୍ରଭାବ ବିସ୍ତାର କରେ । ଉଦାହରଣ ସ୍ୱରୂପ ଯଦି ଜଣଙ୍କର ଜୀବନ ଧାରଣର ଅଧିକାର ରହିଛି, ଏହାର ଅର୍ଥ ଅନ୍ୟାଚାର ତାକୁ ମାଗିବାର ସ୍ୱାଧୀନତା ନାହିଁ । 'ଅଧିକାର' ର ଅର୍ଥ ହେଉଛି, ଜଣେ ବ୍ୟକ୍ତିର ଦାବୀ ଯାହାକି ତାର ବ୍ୟକ୍ତିଗତ ଗୁଣୁଡି ପାଇଁ ଆବଶ୍ୟକ ଏବଂ ତାହା ରାଷ୍ଟ୍ର ବା ସମାଜ ଦ୍ୱାରା ସ୍ୱୀକୃତ । ଏଗୁଡ଼ିକ ସ୍ୱାଧୀନତାର ନ୍ୟାୟିକ, ସାମାଜିକ କିମ୍ବା ନୀତିଗତ ନିୟମ ଏବଂ ମୌଳିକ ସ୍ତରର ନିୟମ ଯାହାକି ଲୋକମାନଙ୍କୁ କେତେକ ନ୍ୟାୟିକ ବ୍ୟବସ୍ଥା, ସାମାଜିକପ୍ରଥା ଓ ନୀତିଗତ ବିଧାନ ଅନୁସାରେ ପ୍ରଦାନ କରାଯାଉଛି । ଅଧିକାରକୁ ସଭ୍ୟତାର ମୌଳିକ ବୋଲି ବିଚାର କରାଯାଏ ଯେହେତୁ ଏହା ସମାଜ ଓ ସଂସ୍କୃତିର ସ୍ଥାୟୀତ୍ୱର ବୋଲି ବିବେଚନା କରାଯାଏ । କିନ୍ତୁ ଅଧିକାରର ପ୍ରକୃତ ଅର୍ଥ ସାର୍ଥକ ହୁଏ ଯଦି ପ୍ରତ୍ୟେକ ବ୍ୟକ୍ତି ନିଜର କର୍ତ୍ତବ୍ୟ ସମ୍ପାଦନ କରନ୍ତି । କର୍ତ୍ତବ୍ୟ ହେଉଛି, ଯାହା ଜଣେ କରିବା ପାଇଁ ଆଶା ଓ ଆବଶ୍ୟକ କରେ । ଉଦାହରଣ ସ୍ୱରୂପ ପିତାମାତାଙ୍କର ସନ୍ତାନର ଯତ୍ନ ନେବା କର୍ତ୍ତବ୍ୟ । ତୁମର ତୁମ ପିତାମାତାଙ୍କ ପ୍ରତି କର୍ତ୍ତବ୍ୟ ରହିଛି । ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦେବା ଶିକ୍ଷକର କର୍ତ୍ତବ୍ୟ । ପ୍ରଭୁଙ୍କରେ ଅଧିକାର କର୍ତ୍ତବ୍ୟ ହେଉଛି ଦୁଇଟି ଚକ ଯାହା ଉପରେ ଜୀବନ ରଥ ସରଳ ଭାବରେ ଆଗକୁ ଗତିକରେ । ଜୀବନ ଆଜୁଲି ସରଳ ହୋଇ ପାରିବ ଯଦି ଅଧିକାର ଓ କର୍ତ୍ତବ୍ୟ ସାଙ୍ଗ ହୋଇ ଗତି କରିବେ ଓ ପ୍ରତ୍ୟେକର ସହଯୋଗୀ ହେବେ । ଅଧିକାର ହେଉଛି, ଯାହା ଅନ୍ୟଜଣେ ଆମପାଇଁ କରୁ ବୋଲି ଆମେ ଇଚ୍ଛାକରୁ । ଅନ୍ୟପକ୍ଷରେ କର୍ତ୍ତବ୍ୟ ହେଉଛି ଯେଉଁ କାର୍ଯ୍ୟ ଆମେ ଅନ୍ୟପାଇଁ କରୁ । ତେଣୁ ଅଧିକାର ହୋଇଛି ଅନ୍ୟର ଅଧିକାର ପ୍ରତି ସମ୍ମାନ ଦେଖାଇବା ପାଇଁ ଆମ ଭିତରେ ଏକ ପ୍ରତିଶ୍ରୁତି । ଅଧିକାର ସହିତ ଜଡ଼ିହୋଇ ରହିଥିବା ପ୍ରତିଶ୍ରୁତି ହେଉଛି କର୍ତ୍ତବ୍ୟ । ଯଦି ସର୍ବସାଧାରଣ ସୁବିଧା ଯଥା ପରିବହନ କିମ୍ବା ସ୍ୱାସ୍ଥ୍ୟସେବା ଉପଭୋଗ କରିବା ଆମର ଅଧିକାର ସେହିପରି ଏହାମଧ୍ୟ ଆମର କର୍ତ୍ତବ୍ୟ । ଅନ୍ୟମାନଙ୍କୁ ଏହି ସୁବିଧାର ସୁଯୋଗ ପ୍ରଦାନ କରିବା । ଯଦି ସ୍ୱାଧୀନତା ପାଇଥା ଆମର ଅଧିକାର, ତାର ଅପବ୍ୟବହାର ନକରିବା ଓ ତାହାରା ଅନ୍ୟର କ୍ଷତି ନ ଘଟାଇବା ମଧ୍ୟ ଆମର କର୍ତ୍ତବ୍ୟ । ଆମେ ଯେପରି ଦେଖୁଛୁ, ଅଧିକାର ହେଉଛି ଦାବୀ ସମୂହ ଯାହାକି ଜଣେ ବ୍ୟକ୍ତି ବଂଚା ଓ ଉନ୍ନତି କରିବା ପାଇଁ ନିଜାଠି ଦରକାର କରେ । ସେହି ଅର୍ଥରେ ଅଧିକାରର ଏକ ଲମ୍ବା ତାଲିକା ରହିଛି । ଏହି ସମସ୍ତ ଅଧିକାର ସମାଜ ଦ୍ୱାରା ସ୍ୱୀକୃତ, କିନ୍ତୁ କେତେକ ଅତ୍ୟଧିକ ଗୁରୁତ୍ୱପୂର୍ଣ୍ଣ ଅଧିକାର ରାଷ୍ଟ୍ରଦ୍ୱାରା ସ୍ୱୀକୃତ ଓ ସମ୍ବିଧାନରେ ଲିପିବଦ୍ଧ ହୋଇଛି । ଏହି ଅଧିକାର ଗୁଡିକୁ ମୌଳିକ ଅଧିକାର କୁହାଯାଏ । ଏହି ଅଧିକାର ଗୁଡିକ ପୂରଣ କରିବାର ପାଇଁ ମୌଳିକ ବୋଲି କୁହାଯାଏ । ପ୍ରଥମତଃ ଏଗୁଡ଼ିକ ସମ୍ବିଧାନରେ ଲିପିବଦ୍ଧ ହୋଇଛି, ଯିଏକି ସେମାନଙ୍କୁ ଏହି ଅଧିକାରର ପ୍ରତିଶ୍ରୁତି ଦେଇଛି । ଦ୍ୱିତୀୟତଃ ଏଗୁଡ଼ିକ ଆଇନଗତ ଅର୍ଥାତ ନ୍ୟାୟାଳୟ ଦ୍ୱାରା ବାଧ୍ୟତାମୂଳକ ଅଟେ । "ନ୍ୟାୟ ପାଇବାର ଯୋଗ୍ୟ"ର ଅର୍ଥ ହେଉଛି, ଯଦି କୌଣସି ଘଟନାର ଏହାର ବିଚ୍ୟୁତି ଘଟେ, ଜଣେ ବ୍ୟକ୍ତି ତାର ସୁରକ୍ଷା ପାଇଁ ନ୍ୟାୟାଳୟର ଆଶ୍ରୟ ନେଇପାରିବ । ଯଦି ସରକାର ଆଇନ ପ୍ରଣୟନ କରି ଏଗୁଡ଼ୁ କୌଣସି ଅଧିକାରକୁ ସଙ୍କୁଚିତ କରିଦିଅନ୍ତି, ଏହା ନ୍ୟାୟାଳୟ ଦ୍ୱାରା ଅଯୋଗ୍ୟ ଘୋଷଣା କରାଯାଏ ।

ନୀରବତା ଅନେକ କଥା କୁହେ

।। ଦିପ୍ତିମୟୀ ନାୟକ ।।

ଯେତେବେଳେ ଜଣେ ମଣିଷ ନିଜ ମନର କଥାକୁ ଅନ୍ୟ ଜଣଙ୍କ ଆଗରେ ଖୋଲିକି କୁହେ । ଅନ୍ୟ ଜଣଙ୍କ ଯଦି ଚୁପ ରୁହେ ତେବେ ସେଇଠୁ ବୁଝିଯିବା ଉଚିତ ଯେ ଏ ମଣିଷ ଆମ ସହ କିଛି କଥା କହେକାକୁ ଚାହୁଁନି କିମ୍ବା ଏ ମଣିଷ ଅନ୍ୟ ଜଣଙ୍କ ଭାବନାକୁ କେବେ ବୁଝେନି । ଯେଉଁଠି ଯେଉଁ ମଣିଷର ଭାବନାକୁ ଅନ୍ୟ ଜଣେ ମଣିଷ ବୁଝେନି ସେଠି ଅନ୍ୟ ଜଣକ କଥା ଅଧା ଅଧୁରା ରହିବା ସ୍ୱାଭାବିକ କଥା । ହେଲେ କେତେବେଳେ ମନ କହୁଥାଏ ଏମାନେ ଆଗରୁ ଆମର ପ୍ରତ୍ୟେକଟି କଥାକୁ ଶୁଣୁଥିଲେ କିନ୍ତୁ ଏବେ କାହିଁକି ଏମାନେ ଆମ କଥା ଶୁଣିବାକୁ ଟିକେ ଧ୍ୟାନ ଦେଉନାହାନ୍ତି । ଆଉ ବେଳେବେଳେ ଆଖିରେ ଆଖିଏ ଲୁହ ମଧ୍ୟ ଚାଲିଆସେ । କେବଳ ଏଥିପାଇଁ ଯେ ଏମାନେ ଯାହାକୁ ବିଶ୍ୱାସ କରିଥାନ୍ତି । ନିଜର ସୁଖ ଦୁଃଖ କଥା ବାଣ୍ଟି ଥାଆନ୍ତି ଆଉ ଏମାନେ ଯେତେବେଳେ ହଠାତ ପରିବର୍ତ୍ତନ ହୋଇଯାଆନ୍ତି । କିଛି କହିବାକୁ ଚାହିଁଲେ ବିରକ୍ତ ହେବାକୁ ଲାଗନ୍ତି ସେତେବେଳେ କେବଳ ଗୋଟିଏ କଥା ମନକୁ ଆସିଯାଏ । କେହିଜଣେ ସତ କହିଥିଲେ ସମ୍ପର୍କ ବିଶ୍ୱାସରୁ ଆରମ୍ଭ ହୋଇ ପ୍ରତାରଣାରେ ଶେଷ ହୋଇଥାଏ । ଯଦି ପ୍ରତାରଣା କରିବାର ଥିଲା ତେବେ ଏ ସମ୍ପର୍କ କାହିଁକି ଯୋଡ଼ା ହେଉଥିଲା । ଆଜିର ସମାଜରେ ଅନେକ ସମ୍ପର୍କ ବିନା କାରଣରେ ଭାଙ୍ଗିଯାଉଛି । କେତେବେଳେ ଫୋନ ଆଉ କେତେବେଳେ କଥୁତା ପୁଣି କେତେବେଳେ ସମ୍ପର୍କୀୟ ମାନଙ୍କର ସେହି ପୁରୁଣା ସମ୍ପର୍କ । ତେବେ ଏହି ସମ୍ପର୍କ ଗୁଡିକ ଭାଙ୍ଗିବାର ପ୍ରମୁଖ କାରଣ କଣ ହୋଇପାରେ । କୌଣସି ସମ୍ପର୍କ ବିନା କାରଣରେ ଭାଙ୍ଗିଯାଏନି । ଯଦି କୌଣସି ସମ୍ପର୍କ ଭାଙ୍ଗୁଛି ତେବେ ଏହାର ମଧ୍ୟ କିଛି ନିର୍ଦ୍ଦିଷ୍ଟ କାରଣ ରହିଥିବ । ସେହି କାରଣଟି ହେଲା ଆଜିର ସମାଜର କିଛି ଲୋକ ସ୍ୱାର୍ଥବାଦୀ ଅଟନ୍ତି । ଯେଉଁମାନେ ନିଜ ସୁବିଧା ଦେଖି ଭାବ ଲାଗଇଥାଆନ୍ତି । ସ୍ୱାର୍ଥ ସରିଲେ ମଣିଷକୁ ପଶୁ ଠାରୁ ହୀନ ବୃତ୍ତିରେ ଦେଖୁଥାନ୍ତି । ପ୍ରତ୍ୟେକ ଲୋକଙ୍କ ମନର ଭାବନା ଅଛି ଆଉ ଯେଉଁମାନେ ମଣିଷ ହୋଇ ମଣିଷ ଭାବବାକୁ ବୁଝି ପାରନ୍ତିନି ସେମାନେ ଅମଣିଷ ହୋଇଥାନ୍ତି । ଆଜିକାଲି ଲୋକ ବହୁତ ଚତୁର । ଅର୍ଥ, ସମ୍ପତ୍ତି, କୋଠାଘର, ଗାଡି, ଚାକିରୀ, ନିଜ ସୁବିଧା ଦେଖି ଭାବ ଲାଗନ୍ତି । ଯେମିତି ଏମାନେ ମଣିଷକୁ ନୁହେଁ ଅର୍ଥ, ସମ୍ପତ୍ତି, କୋଠାଘର, ଗାଡି, ଚାକିରୀ, ନିଜ ସୁବିଧା ଦେଖି ଭାବ ଲାଗନ୍ତି । ଯେମିତି ଏମାନେ ମଣିଷକୁ ନୁହେଁ ବଦଳରେ ପ୍ରତାରଣା । ତେଣୁ ଜୀବନରେ ସେମାନଙ୍କୁ ଗୁରୁତ୍ୱ ଦିଅ ଯେଉଁମାନେ ତୁମକୁ ଗୁରୁତ୍ୱ ଦେଉଛନ୍ତି । ତୁମ ନୀରବ ମନକୁ ପଢିପାରୁଛନ୍ତି ଏବଂ ବିନା ସ୍ୱାର୍ଥରେ ତମକୁ ଭଲପାଉଛନ୍ତି ସେହିମାନେ ହିଁ କେବଳ ତୁମକୁ ବୁଝୁଛନ୍ତି । ଆଜ ଯେଉଁମାନେ ଅବେଳ ଦିନ ପାଇଁ ତୁମକୁ ବୁଝିଛି କିମ୍ବା ବୁଝାନ୍ତି ସେମାନେ କେବଳ ସ୍ୱାର୍ଥ ରଖି ତୁମ ସହ ଭାବ ଲଗାନ୍ତି । ତାପରେ ଏହି ନୀରବତାପଛକୁ ତମ ରୋଗର କାରଣ କରିଦିଅନ୍ତି ।

ସୁବ ସାମ୍ବାଦିକା
ଅନ୍ଧାରୁଆ, ଭୁବନେଶ୍ୱର
୯୦୯୦୬୬୧୫୮୬

ଆତ୍ମ ସାକ୍ଷାତକାରର ପ୍ରଜ୍ୱଳିତ ପ୍ରଦୀପର ମହାପାର୍ବଣ : ଦୀପାବଳୀ

।। ଯଶସ୍ୱିନୀ ପଟ୍ଟନାୟକ ।।

ଦୀପାବଳିକୁ ମହାନିଶା ଏବଂ ଶୁଭରାତ୍ରି ବୋଲି ମାନ୍ୟତା ଦିଆଯାଉଛି । "ଦୀପାବଳି" ହେଉଛି ଅନ୍ଧକାର ଉପରେ ପ୍ରକାଶ ଏବଂ ଅଜ୍ଞାନ ଉପରେ ଜ୍ଞାନର ବିଜୟ ଭାବ ବା ଏହି ଦିନ ରାତିରେ ଘରେ ଘରେ କେବଳ ସୌନ୍ଦର୍ଯ୍ୟ ପାଇଁ ଆଲୋକମାଳା ସଜାଯାଏ ନାହିଁ, ଏହା ଜୀବନର ଗଭୀର ସତ୍ୟକୁ ଅଭିବ୍ୟକ୍ତ ମଧ୍ୟ କରେ । ଯେମିତି ଆଲୋକ ଅନ୍ଧକାରକୁ ଲିଭାଇଦିଏ, ସେମିତି ଜ୍ଞାନର ଆଲୋକ ଅଜ୍ଞାନ ଅନ୍ଧକାରକୁ ମଧ୍ୟ ହଟାଇଦିଏ । ହୃଦୟରେ ଜ୍ଞାନର ପ୍ରକାଶକୁ ପ୍ରଜ୍ୱଳିତ କରିବା ପାଇଁ ଏହି ଦୀପ ପର୍ବ ପାଳନ କରାଯାଏ । ପ୍ରତ୍ୟେକ ଘରେ ଜୀବନ, ପ୍ରତ୍ୟେକ ମୁହଁରେ ହସ ପାଇଁ 'ଦୀପାବଳୀ' ପାଳିତ ହୋଇଥାଏ । 'ଦୀପାବଳି'ର ଶାବ୍ଦିକ ଅର୍ଥ ହେଉଛି 'ପ୍ରକାଶର ପଂକ୍ତି' । ତ୍ରେତୟା ଯୁଗରେ ରାମ, ରାବଣଙ୍କୁ ବଧ କରି ଯେଉଁ ଦିନ ଅଯୋଧ୍ୟା ଫେରିଥିଲେ ସେହିଦିନ ଥିଲା ଦୀପାବଳି । ତେଣୁ ଅଯୋଧ୍ୟାବାସୀ ଦୀପ ଜାଳି ରାମଙ୍କୁ ସ୍ୱାଗତ କରିଥିଲେ । ସେହିପରି ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ନାରକାସୁରକୁ ବଧ କଲାପରେ ତାହା ପରଦିନ ବ୍ରଜବାସୀ ଦୀପ ଜାଳି ଉତ୍ସବ ପାଳନ କରିଥିଲେ । ସେହିଦିନ ଥିଲା ଦୀପାବଳି । ଅଷ୍ଟମ ବର୍ଷ ପାଇଁମଁ 'ଦୁର୍ଗା ମହାକାଳୀ ରୂପ ଧାରଣ କରିଥିଲେ । ଅସୁର ବଧ ପରେ ମଧ୍ୟ ତାଙ୍କ କ୍ରୋଧ ପ୍ରଶମିତ ହୋଇନଥିଲା । କ୍ରୋଧକୁ ପ୍ରଶମିତ କରିବା ପାଇଁ ଭଗବାନ ଶିବ ମହାକାଳୀଙ୍କ ଚରଣ ତଳେ ଶୋଇପଡ଼ିଥିଲେ । ଏହି ସୁରିଷ୍ଟ ଶାନ୍ତି ରୂପୀ ନଗ୍ନୀ ପୂଜନ ଆରମ୍ଭ ହେଲା । ଦୀପାବଳି ରାତିରେ ଗୁରୁତ୍ୱପୂର୍ଣ୍ଣ କାଳୀଙ୍କ ପୂଜା ବିଧାନ ରହିଛି । ଦୀପାବଳି ପର୍ବର ରହିଛି ସୁନ୍ଦର ଅର୍ଥ । ଦୀପ ଅର୍ଥ ଆଲୋକ ଓ ଆବଳି ଅର୍ଥ ଅନବରତ ଆଲୋକ । ଜଗତରୁ ଅନ୍ଧକାର ରୂପକ ଅନ୍ୟାୟ, ଭ୍ରଷ୍ଟାଚାର, ବୁର୍ଜାତି ଦୂର ହୋଇ ଆଲୋକ ରୂପକ ଶାନ୍ତି ଛାୟା ବିଛେଇ ହୋଇ ରହୁ । ଏହା ହିଁ ଦୀପାବଳି ପର୍ବର ମୁଖ୍ୟ ଲକ୍ଷ୍ୟ । ରାଷ୍ଟ୍ରଭଲ, ସମାଜସେବୀମାନେ ରାଷ୍ଟ୍ର ତଥା ଦେଶର ଉନ୍ନତି ପାଇଁ ଏବଂ ସମାଜରୁ ଶତ୍ରୁ, ଅସତ୍ୟ, ଅନ୍ୟାୟକୁ ପରାଜିତ କରି ସତ୍ୟର ଆଗମନ ନିମନ୍ତେ ଦୀପ ଜାଳି ଭଗବାନଙ୍କ ନିକଟରେ କାମନା କରିଥାନ୍ତି । ପରିବାରର ଲୋକମାନେ ମଧ୍ୟ ନିଜ ଆତ୍ମୀୟଙ୍କ ଶୁଭ ମଙ୍ଗଳୀ ଜାଳିଥାନ୍ତି ଦୀପାଳି । ଏହି ଦିନକୁ ଆତ୍ମା ସାକ୍ଷାତକାର ଦିନ ଭାବେ ମଧ୍ୟ ଗ୍ରହଣ କରାଯାଇଥାଏ । ମଣିଷ ଭିତରେ ଥିବା ସୁପ୍ତ ଚେତନାକୁ ଜାଗ୍ରତ କରିବାର ଏହା ଏକ ଅନୁପମ ପର୍ବ । ଆମର ଆତ୍ମାମଣ୍ଡଳକୁ ବିଶୁଦ୍ଧ ଓ ପରିବେଶ ସ୍ୱଚ୍ଛତା ପ୍ରତି ସତର୍କ ହେବା ପାଇଁ ମଧ୍ୟ ସନ୍ଦେଶ ଦେଇଥାଏ ଏହି ପର୍ବ । ପୂର୍ବ ପୁରୁଷଙ୍କ ଆତ୍ମାକୁ ଶାନ୍ତି ଦେବା ପାଇଁ ଏହିଦିନ ପିଣ୍ଡଦାନ କରାଯାଇଥାଏ । ପିଣ୍ଡଦାନ ପରେ ସେମାନେ ପିତୃଲୋକ ଗମନ କରନ୍ତି ବୋଲି ବିଶ୍ୱାସ କରାଯାଏ । ଏଥିପାଇଁ ପିଣ୍ଡଦାନ ପରେ ପିଶୁଳ ଜଳାଯାଏ । କାଳିଚିଆ କାଠି, ବେଗୁଣ ଓ ଘିଅରେ ପ୍ରସ୍ତୁତି ହୋଇଥାଏ ପିଶୁଳ କାଠି । ଏଥିରେ ଅଗ୍ନି ସଂଯୋଗ କରାଯାଇ ବଡ଼ ବଡ଼ୁଆକୁ ଆହ୍ୱାନ କରାଯାଇଥାଏ । ସେମାନେ ଆଲୋକରେ ଦିବ୍ୟଲୋକ ଗମନ କରନ୍ତୁ ବୋଲି ଲୋକମାନେ ପିଶୁଳ ଡାକି କାମନା କରିଥାନ୍ତି । ପିଶୁଳଟି ଜଳରେ ମଧ୍ୟ ରହିଛି ଏକ ସୁନ୍ଦର ବନ୍ଦନା । ବନ୍ଦନାଟି ଏହିପରି - 'ବଡ଼ବଡ଼ୁଆ ହୋ ଅନ୍ଧାରରେ ଆସ, ଆଲୁଅରେ ଯାଅ । ଗଙ୍ଗା ଯାଅ, ଗୟା ଯାଅ, ବାଇଶି ଯାହାତରେ ଗଡ଼ଗଡ଼ଇଥାଅ' । ଗୌରାଣିକ କଥା କାହାଣୀ ଅନୁଯାୟୀ ମର୍ତ୍ତ୍ୟାଦୀ ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଚଉଦ ବର୍ଷର ବନବାସ ପରେ ନିଜ ଅଯୋଧ୍ୟା ଜନ୍ମମାଟିକୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ସମଗ୍ର ଅଯୋଧ୍ୟାବାସୀ ଶୁଭ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆଲୋକମାଳାରେ ଏହି ଦିନଟିକୁ ସ୍ୱାଗତ କରିଥିଲେ । ପରବର୍ତ୍ତୀ ସମୟରେ ସମଗ୍ର ଭାରତ ବର୍ଷରେ ଆନନ୍ଦ, ଉଲ୍ଲାସ, ଭାଇଚାରାର ମହାପାର୍ବଣ ରୂପରେ ଏହି ଦିବସଟିକୁ ପାଳନ କରାଯାଉଛି । ଆମ ପ୍ରାଚୀନତମ ସଂସ୍କୃତି ସବୁବେଳେ ଜ୍ଞାନ, ସେବା ଓ କର୍ମମୟ ଆଦର୍ଶଶୀଳ ଜୀବନର ପ୍ରୀତିକୁ ଆମ ମାନଙ୍କ ହୃଦୟ ଭିତରେ ଚେତନସିଦ୍ଧ କରି ଅହରହ ପ୍ରଦୀପକୁ ପ୍ରଜ୍ୱଳିତ କରୁଥାଏ । ତେବେ ପରବର୍ତ୍ତୀ ସମୟରେ ଏହି ଦୀପାବଳିର ଆଲୋକ ପ୍ରକାଶ ଓ ବ୍ୟାପକତା ବୃଦ୍ଧି ପାଇଲା, ଶେଷରେ ଏହା ପ୍ରଦୂଷଣର ଏକ ପ୍ରମୁଖ କାରଣ ପାଲଟିଲା । ନିକଟରେ ମାନ୍ୟବର ସୁପ୍ରିମକୋର୍ଟ ସମଗ୍ର ଭାରତରେ ସବୁଜ ବାଣ ପାଇଁ ଅନୁମତି ପ୍ରଦାନ କରି ପ୍ରଦୂଷଣମୁକ୍ତ ବାଣର ବ୍ୟବହାରକୁ ବଢ଼ ଜରିଛନ୍ତି । ଆଲୋକର ପର୍ବ ଦୀପାବଳିରେ ବାଣ ଫୁଟେଇ ଦିଲ୍ଲୀରେ ପ୍ରଦୂଷଣ ବୃଦ୍ଧି ପାଇଛି । ଗତବର୍ଷ ଦୀପାବଳି ପରେ ଦିଲ୍ଲୀ ସହରରେ ପ୍ରଦୂଷଣର ମାତ୍ରା ଏତେ ବଢ଼ିଗଲା ଯେ ଏକ ପ୍ରଳୟ ବିଷାକ୍ତ ବଳୟ ସୃଷ୍ଟି ହେଲା । ଏହି ଆଲୋକର ପାର୍ବଣରେ ବାଣ ଯେଉଁପରି ରୋଗ ଓ ପ୍ରଦୂଷଣକୁ ବଢ଼ାଇଥାଏ ତାହା ଆମ ମାନଙ୍କ ପାଇଁ ଯେ କେତେ ବିପଦଜନକ ତାହା ପରବର୍ତ୍ତୀ ସମୟରେ ଜାଣିପାରୁ । ତେଣୁ ପ୍ରଦୂଷଣମୁକ୍ତ ବାଣ ପାଉ ଦୂରେଇ ନିଜେ ଚଳିଯାଏ । ସବୁବେଳେ ଭାବେ ଏମିତି କେହି ଜଣେ ଆସନ୍ତା କି ଯିଏ ମୋର ଭାଗ୍ୟ ବଦଳେଇ ଦିଅନ୍ତା ।କିନ୍ତୁ ସେମିତି କେବେ କିଛି ହୁଏନି । ଗୋଟେ ଦିନ ଜଣେ ବଡ଼ ବ୍ୟବସାୟୀ ମନ୍ଦିର ଆସିଲେ ଠାକୁର ଦର୍ଶନ କରିବାକୁ ।ଭିକାରୀ ଭାବିଲା ଏହି ବ୍ୟବସାୟୀ ତ ଏତେ ବଡ଼ ସେ ମତେ ନିଶ୍ଚିନ୍ତ ଅଛନ୍ତ ତେବେ ସେ ଯେତେବେଳେ ତାଙ୍କୁ ପଇସା ମାଗିଲା ସେ ବ୍ୟବସାୟୀ ଜଣଙ୍କ ତାଙ୍କୁ ଭଲିଲେ ମୁଁ ଯଦି ତମକୁ ପଇସା ଦେବି ତା ବଦଳ ରେ ତମେ ମତେ କଣ ଦେବ । ଭିକାରୀ ଜଣଙ୍କ କହିଲା ମୋ ପାଖରେ କଣ ଅଛି ଯେ ମୁଁ ଦେବି ।ବ୍ୟବସାୟୀ ଜଣଙ୍କ ତାଙ୍କୁ କହିଲେ ମୁଁ ମାଗଣାରେ କାହାକୁ କିଛି ଦିଏନି । ଏହା କହିକି ସେଇ ବ୍ୟବସାୟୀ ଜଣଙ୍କ ସେଇଠୁ ଚାଲିଗଲେ ।ଏହା ପରେ ଭିକାରୀ ଜଣଙ୍କ ଚିନ୍ତା କଲେ ମୁଁ ଏମିତି କଥା ଦେଇ ଲୋକଙ୍କୁ ପଇସା ମାଗିବି ଯାହା ଫଳରେ କି ଲୋକ ମତେ ପଇସା ଦେବା ପାଇଁ ମନା କରିଦେବେ । ଏହା ପରେ ଭିକାରୀ ଜଣଙ୍କ ଦେଖିଲା କି ମନ୍ଦିର ବାହାରେ ଗୋଟେ ବିରାଟ ଗଛ ଅଛି ଯେଉଁଥିରେ ବହୁତ ଫୁଲ ଫୁଟିଛି ।ଭିକାରୀ ଜଣଙ୍କ ଚିନ୍ତା କଲା ମୁଁ ଆଜିଠୁ ଯିଏ ମତେ ଭିକ ଦେବ ତା ପରିବିବକ ରେ ମୁଁ ତାଙ୍କୁ ଫୁଲ ଦେବି । ଯେଉଁ ମାନେ ତାଙ୍କୁ ପଇସା ଦିଅନ୍ତି ସେ ଫୁଲ ଦେଲା ଏହା ସମ୍ବନ୍ଧୁଙ୍କୁ ଦେଖି ପସନ୍ଦ ଆସିଲା । କିଛି ଦିନ ପରେ ଯେଉଁ ବ୍ୟବସାୟୀ ଆସିଥିଲେ ସେ ପୁଣି ଆସିଲେ ଭିକାରୀ ଜଣଙ୍କ ଯାଇକି ତାଙ୍କୁ କହିଲା ମୁଁ ସିଏ ଯାହାଙ୍କ ପାଇଁ ଆପଣ ଦିନେ ଫୁଲ ଦୋକାନ କରିଥିଲେ ଆଜି ମୋର ଏଇ କିଲୁପର ବହୁତୁଁ ବଡ଼ ଫୁଲ ବ୍ୟବସାୟ । ଆପଣ ମତେ ଭିକାରୀ ରୁ ବ୍ୟବସାୟୀ ବନେଇଛନ୍ତି । ମଣିଷ ଯେତେବେଳେ ଏଇ ଦୁନିଆଁକୁ ଆସିଥାଏ ଓ ଏହି ଦୁନିଆଁ ରୁ ଯାଏଁ ଏହି ଭିତରେ ନିଜର କର୍ମ ହିଁ ତାକୁ ପରିଚିତ କରିଥାଏ । କୌଣସି କାମ କରିବା ପୂର୍ବରୁ ଏହା ବିଷୟରେ ଚିନ୍ତା କରିବା ଟା ସବୁଠୁଁ ବଡ଼ ଗୁରୁତ୍ୱପୂର୍ଣ୍ଣ କାରଣ ଯଦି ଚିନ୍ତା ଧାରା ବଡ଼ ହେବ ତେବେ ଜଣେ କାମ ରେ ତାକୁ ଗୁପ୍ତାନ୍ତର କରିବା ସହଜ ହେବ । ସେଇଥି ପାଇଁ ସ୍ୱପ୍ନ ବଡ଼ ଦେଖା ଉଚିତ୍ ତା ହେଲେ ଯାଇ ଜଣେ ଏହା ରୁ ସାଜାର କରିବା ପାଇଁ ଚେଷ୍ଟା କରିପାରିବ ।

ପଟିଆ

ଦୈନିକ
ଆରମ୍ଭ
SEITHO ARAMBHA

ଶୁକ୍ରବାର, ୨୭ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ପଟ୍ଟଚିତ୍ର ସଚେତନତା କର୍ମଶାଳା ଓ ପ୍ରଦର୍ଶନୀ

ପୁରୀ, ୨୭/୦୨ (ଆ.ପ୍ର) : ଭାରତ ସରକାରଙ୍କ ବିକାଶ ଆୟୁଷ ହସ୍ତଶିଳ୍ପ ବିଭାଗ ପ୍ରାୟୋଜିତ ଏବଂ ହସ୍ତଶିଳ୍ପ ପଟ୍ଟଚିତ୍ର ଉତ୍ପାଦକ କମ୍ପାନୀ ଲିମିଟେଡ, ଏକିହିଁଗ୍ରାମ ଗଞ୍ଜାଇକପୁର ପଷ୍ଠରୁ ପଟ୍ଟଚିତ୍ରକୁ ନେଇ ଏକ ତ୍ରିଦିବସୀୟ କର୍ମଶାଳା, ପ୍ରଦର୍ଶନୀ,ସଚେତନତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥାନୀୟ ନୀଳାଚଳ ଅର୍ଜିନ ହାଟ ପରିସରରେ ଭବଘଟିତ ହୋଇଯାଇଛି ଓ ଅନୁଷ୍ଠାନର ନିର୍ଦ୍ଦେଶକ ତଥା ଜାତୀୟ ପୁରସ୍କାର ପ୍ରାପ୍ତ ଶିଳ୍ପୀ ବିଶ୍ୱନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ନିର୍ଦ୍ଦେଶକ ଉତ୍କଳ ବିପିନ୍ ବିହାରୀ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶିଳ୍ପଗୁରୁ ଦୀନବନ୍ଧୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଭବଘାଟନ କରିଥିଲେ । ଜାତୀୟ ପୁରସ୍କାରପ୍ରାପ୍ତ ପଟ୍ଟଚିତ୍ର ଗୁରୁ ଶରତ କୁମାର ସାହୁ, କରୁଣାକର ସାହୁ ଓ ଭ୍ରମରବର ନାୟକ ଏବଂ ଭାରତ ସରକାରଙ୍କ ହସ୍ତଶିଳ୍ପ ପ୍ରବନ୍ଧନ ଅଧିକାରୀ ବୀର ଭରତ ମାରାଣ୍ଡି, ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରଣାଳୟର ହସ୍ତଶିଳ୍ପ ପ୍ରବନ୍ଧନ ଅଧିକାରୀ ପ୍ରମେୟ ସିଂହା, ରାଜ୍ୟ ସରକାରଙ୍କ ହସ୍ତଶିଳ୍ପ ବିକାଶ ଅଧିକାରୀ ମୃତ୍ୟୁଂଜୟ ପଣ୍ଡା, ପୁରୀ ହସ୍ତଶିଳ୍ପ ବିଭାଗର ଉପନିର୍ଦ୍ଦେଶକ ବିଷ୍ଣୁପଦ ମାରାଣ୍ଡି, ପରମ୍ପରା ଅନୁଷ୍ଠାନର ପ୍ରତିଷ୍ଠାତା ଭଗବାନ ସ୍ୱାଇଁ ପ୍ରମୁଖ ମଂଚାସୀନ ରହି ହସ୍ତଶିଳ୍ପ ହେଉଛି ଆମ ସଂସ୍କୃତି, ପରମ୍ପରା ଓ ଅର୍ଥନୀତିର ତ୍ରିବେଣୀ ସଙ୍ଗମ ଓ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶିଳ୍ପୀ ମାନଙ୍କୁ ସେମାନଙ୍କ ଦକ୍ଷତା ପ୍ରଦର୍ଶନର ଏକ ସୁନ୍ଦର ପ୍ଲାଟଫର୍ମ ପ୍ରଦାନ କରାଯାଇପାରୁଛି ବୋଲି ବକ୍ତବ୍ୟ ରଖିଥିଲେ । ଅତିଥିମାନେ ପଟ୍ଟଚିତ୍ରର ଅତୀତ, ବର୍ତ୍ତମାନର ସ୍ଥିତି ଓ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିବା ସହ ଏହାର ମୌଳିକତା କିପରି ବଜାୟ ରହିବ ଏବଂ ପ୍ରାଚୀନ ଅଙ୍କନ ଶୈଳୀର ଆଧାରରେ ପାରମ୍ପରିକ ପ୍ରାକୃତିକ ରଙ୍ଗର ବ୍ୟବହାର କିପରି ହୋଇପାରିବ ତା' ଉପରେ ଗୁରୁତ୍ୱ ଆରୋପ କରିବା ସହ ବିଭିନ୍ନ ମଠ, ମନ୍ଦିର ଓ ରାଜପ୍ରାସାଦର ପାରମ୍ପରିକ ଚିତ୍ର ଅନୁଧ୍ୟାନ କରି ସେହି ଶୈଳୀକୁ ଆପଣାଇବା ପାଇଁ ଶିଳ୍ପୀ ମାନଙ୍କୁ ଉତ୍ସାହିତ କରିଥିଲେ । ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ସାଂସ୍କୃତିକ ସଂଗଠକ ଶ୍ୟାମ ପ୍ରକାଶ ସେନାପତି ସଭାକୁ ସଂଚାଳନ କରିଥିଲେ ଓ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶିକା ସଂଯୁକ୍ତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ 'ଅଭିନୁସୁନ୍ଦର ଗୋଟିପୁଅ ନୃତ୍ୟ ପରିଷଦ', ରଘୁରାଜପୁର ପଷ୍ଠରୁ ଗୁରୁ ଲକ୍ଷ୍ମଣ ମହାରଣାଙ୍କ ନିର୍ଦ୍ଦେଶନାରେ ଶିଳ୍ପୀ ମାନେ ଗୋଟିପୁଅ ନୃତ୍ୟରେ ମଙ୍ଗଳାଚରଣ, ଅଭିନୟ ଏବଂ ବନ୍ଧ ନୃତ୍ୟ ପରିବେଷଣ କରିଥିଲେ ଓ ପ୍ରକାଶ ଥାଉକି, କର୍ମଶାଳାରେ ପୁରୀସହର ବୁଲୁରୁ ଲୋଡ଼ିଏ ଜଣ ଶିଳ୍ପୀ ଯୋଗଦେଇ ଅଂଶଗ୍ରହଣ କରିଛନ୍ତି । ଆସନ୍ତା ଅପ୍ରେଲଶି ତାରିଖରେ ହେବାକୁ ଯାଉଥିବା ଉତ୍ସବାପନୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀଙ୍କର ଚିତ୍ର ସବୁ ପ୍ରଦର୍ଶିତ ହେବା ସହ ଶିଳ୍ପୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ ଓ ପୁରୀ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ପ୍ରଦର୍ଶନୀ ବୁଲିବା ସହ ଶିକ୍ଷା ଗ୍ରହଣ କରିଥିଲେ ।

ନବନିର୍ମିତ ମା' ମହାଲକ୍ଷ୍ମୀଙ୍କ ମନ୍ଦିର ଓ ଲକ୍ଷ୍ମୀଦେବୀଙ୍କର ପ୍ରାଣ ପ୍ରତିଷ୍ଠା ଉତ୍ସବ

ବାସୁଦେବପୁର, ୨୭/୦୨ (ଆ.ପ୍ର) : ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ ବରଣ୍ଟୁଆ ଗ୍ରାମ ପଂଚାୟତର ଚନ୍ଦନପୁର ସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ଚେତନା ଠାରେ ନବନିର୍ମିତ ମା ମହାଲକ୍ଷ୍ମୀଙ୍କ ମନ୍ଦିରଓ ଲକ୍ଷ୍ମୀଦେବୀଙ୍କର ପ୍ରାଣ ପ୍ରତିଷ୍ଠା ଉତ୍ସବ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଛି । ତିନି ଦିନିଆ ଏହି ମହୋତ୍ସବରେ ସହ ସହ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି । ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅଧୀନ ବରଣ୍ଟୁଆ ଗ୍ରାମ ପଂଚାୟତର ଚନ୍ଦନପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ଚେତନା ଠାରେ ନବନିର୍ମିତ ମା' ମହାଲକ୍ଷ୍ମୀଙ୍କ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବ ଧୂମଧାମରେ ପାଳିତ ହୋଇଛି । ତିନି ଦିନ ଧରି ଚାଲିଥିବା ଏହି ଧାର୍ମିକ ଅନୁଷ୍ଠାନର ପ୍ରଥମ ଦିନରେ ବିଶାଳ ଜନସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା । ଶତାଧିକ ମହିଳା ମାନେ ମୁଣ୍ଡରେ ଜନସ ବୋଝି ଭକ୍ତି ସଙ୍ଗୀତରେ ମଗ୍ନ ହୋଇ ଯାତ୍ରାରେ ସାମିଲ ହୋଇଥିଲେ । ମଙ୍ଗଳବାର ଠାରୁ ଗୁରୁବାର ପର୍ଯ୍ୟନ୍ତ ମନ୍ଦିର ସ୍ନାନ, ବେଦମନ୍ତ୍ର ଉଚ୍ଚାରଣ, ହୋମ-ଯଜ୍ଞ ଓ ପୂର୍ଣ୍ଣାହୁତି ସହ ବିଭିନ୍ନ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପଣ୍ଡିତମାନଙ୍କ ମନ୍ତ୍ରୋଚ୍ଚାରଣ ମଧ୍ୟରେ ମା ଲକ୍ଷ୍ମୀଦେବୀଙ୍କ ବିଗ୍ରହରେ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଏହି ଅବସରରେ ଶହ ଶହ ଭକ୍ତମାନେ ଯୋଗଦେଇ ମାଙ୍କର ଦର୍ଶନ କରିଥିଲେ ଓ ପ୍ରସାଦ ସେବନ କରିଥିଲେ । ଲଇବଳୁ ସୁଚାରୁ ଭାବେ ସମ୍ପନ୍ନ ହେବା ପାଇଁ, ମା ମହାଲକ୍ଷ୍ମୀ ମନ୍ଦିର ନିର୍ମାଣ କମିଟି ସଦସ୍ୟମାନଙ୍କ ସହ ଗ୍ରାମବାସୀମାନଙ୍କ ସକ୍ରିୟ ସହଯୋଗ ରହିଥିଲା । ଭକ୍ତି ଓ ଆଧ୍ୟାତ୍ମିକତାର ଏକ ଅନନ୍ୟ ଦୃଶ୍ୟ ସୃଷ୍ଟି କରିଥିବା ଏହି ପ୍ରାଣ ପ୍ରତିଷ୍ଠା ମହୋତ୍ସବ ସମସ୍ତ ଅଂଚଳକୁ ଉତ୍ସବମୟ କରିଦେଇଛି ।

ବିବାହ ବାର୍ଷିକୀରେ ଦମ୍ପତିଙ୍କ ଅଙ୍ଗଦାନ ଘୋଷଣା

ଧର୍ମଗଡ଼, ୨୭/୦୨ (ଆ.ପ୍ର) : ଜନୁବିନ, ବିବାହ ବାର୍ଷିକୀ ଆଦି ଜୀବନର ସ୍ୱତନ୍ତ୍ର ଦିନକୁ ସ୍ମରଣୀୟ କରିବାକୁ, ସ୍ମୃତି ସଞ୍ଜୋଳ କରିବାକୁ ଅନେକ ପଦକ୍ଷେପ ନିଅନ୍ତି ଲୋକେ । ତେବେ ନିଜର ୧ ଷଷ୍ଠ ତମ ବିବାହ ବାର୍ଷିକୀକୁ ସ୍ମରଣୀୟ କରିବାକୁ କଳାହାଣ୍ଡି ଜିଲ୍ଲା ଭବାନୀପାଟଣାର ଏକ ଦମ୍ପତି ନେଇଛନ୍ତି ନିଆରା ପଦକ୍ଷେପ । ଭବାନୀପାଟଣା ସହରର ଜଣେ ଜଣାଶୁଣା ଦେହେରା ଦେଇଛନ୍ତି ତ୍ରିଲୋଚନ ପାଣିଗ୍ରାହୀ ଓ ତାଙ୍କ ପତ୍ନୀ ଗୀତାଞ୍ଜଳି ପାଣିଗ୍ରାହୀ ରାଜନୀତି ସହିତ ସମାଜସେବାକୁ ନିଜ ଜୀବନର ବ୍ରତ ଭାବେ ଗ୍ରହଣ କରିଥିବା ପାଣିଗ୍ରାହୀ ଦମ୍ପତି ଆଜି ନିଜର ଅଙ୍ଗଦାନ କରିବାକୁ ଘୋଷଣା କରିବା ସହିତ ଏଥିପାଇଁ ଇଚ୍ଛିତ ଶପଥପତ୍ରରେ ସ୍ୱାକ୍ଷର କରିଛନ୍ତି । ନିଜର ସ୍ୱାଭାବିକ ମୃତ୍ୟୁ ପରେ ଲଇୟ ପତିପତ୍ନୀ ନିଜ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗପ୍ରତ୍ୟଙ୍ଗ ଦାନ କରିବାକୁ ସ୍ୱାକୃତି ପ୍ରଦାନ କରିଛନ୍ତି । ଏ ଦିଗରେ ଉଭୟ ପତିପତ୍ନୀଙ୍କୁ କନ୍ଦର୍ପ ହଂସ ମେମୋରିଆଲ ଚାରିଟେବଲ ଟ୍ରଷ୍ଟ ଓ ସମାଜସେବୀ ବଳଦେବ ଲୋଲ ମାର୍ଗଦର୍ଶନ କରିଥିବା ଜଣାଯାଏ । ତେବେ ସେତିକି ନୁହେଁ ଆଜି ସନ୍ଧ୍ୟାରେ ଉଭୟ ପତିପତ୍ନୀ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଓଡ଼ିଶା ଗଛଭଣ୍ଡାରରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ନିଜ ବିବାହ ବାର୍ଷିକୀ ପାଳନ କରିଛନ୍ତି । ପାଣିଗ୍ରାହୀ ଦମ୍ପତିଙ୍କ ଏହି ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିବାବେଳେ ଅଙ୍ଗ ଓ ଶରୀର ଦାନ କ୍ଷେତ୍ରରେ ଏହା ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ ହେବ ବୋଲି ମତ ପ୍ରକାଶ ପାଇଛି । ଆଜି ଉଭୟଙ୍କ ରକ୍ତଦାନ ସମୟରେ ବଳିତ ଶ୍ରେଷ୍ଠରେ ଏହା ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ ହେବ ବୋଲି ମତ ପ୍ରକାଶ ପାଇଛି । ଆଜି ଉଭୟଙ୍କ ରକ୍ତଦାନ ସମୟରେ ବଳିତ ଅଧିବାସୀ ମହାସଙ୍ଘର କାର୍ଯ୍ୟକାରୀ ସଭାପତି ଧର୍ମେନ୍ଦ୍ର ନାୟକ, ଚାମ୍ପା ନେତା ସାମନ୍ତ ଖମାରୀ, ଜନମମାଟି ସୁରକ୍ଷା ସମିତିର ଗିରିଧାରୀ ସାହୁ ସହିତ ବଡ଼ ଭଉଣୀ ଛବିଦା ସାହୁ, ସମ୍ପର୍କୀୟ ସୌମ୍ୟଭଞ୍ଜନ ସାହୁ, ତାଙ୍କ ପୁଅ ବିପ୍ଳବ ପ୍ରତାପ ପାଣିଗ୍ରାହୀ, ଗୁରୁପ୍ରତାପ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଉତ୍ସାହିତ କରିଥିଲେ ।

ଟିକାବାଲିରେ ଅନିୟମିତତା ବିଦ୍ୟୁତ କାଟ୍ ପାଇଁ ଜନସାଧାରଣ ସବଷ୍ଟେସନ କାର୍ଯ୍ୟଳୟକୁ ଘେରାଉ

ଟିକାବାଲି, ୨୭/୦୨ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଟିକାବାଲି ଅଂଚଳରେ ଖରାଦିନ ଆସିବା ପୂର୍ବରୁ ଅଧିକାଂଶ ସମୟରେ ବିଦ୍ୟୁତ କଟ ହେଉଥିବା ହେତୁ ଟିକାବାଲି ଅଂଚଳ ବାସି ବହୁତ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ବର୍ତ୍ତମାନ ଛାତ୍ର ଛାତ୍ରୀ ମାନଙ୍କର ପରୀକ୍ଷାର ସମୟ ଏହି ସମୟରେ ଲଗେଂଟ କାରୟାର ଜଟିଳେ ପିଲାମାନଙ୍କ ପାଠ ପଢିବାରେ ଅସୁବିଧା ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବିନା କମ୍ପୁଟରରେ କାର୍ଯ୍ୟାଳୟରେ ଜାମ କରିବା ଅସମ୍ଭବ ହେଉଛି । ବିଭିନ୍ନ ଅଂଚଳରୁ ଜନସାଧାରଣ ଦୂରାଦୂରତ୍ୱରୁ ବ୍ଲକ କାର୍ଯ୍ୟାଳୟ ବା ଅନ୍ୟାନ୍ୟ କମ୍ପୁଟର କାମକେଜ ଆସୁଥିବା ଲୋକ ବିଦ୍ୟୁତ ନ ଥିଲେ ଅସୁବିଧା ରେ ପଡୁଛନ୍ତି । ଟିକାବାଲି ରୋଷ୍ଟା ସ୍ୱାସ୍ଥ୍ୟକେନ୍ଦ୍ରରେ ବିଦ୍ୟୁତ ନ ଥିଲେ ରୋଗୀ ବିନା ଫ୍ୟାନ ରେ ରହିପାରୁନାହାନ୍ତି । ବିଦ୍ୟୁତ ବିଭାଗ ଏ ପରିସ୍ଥିତିରେ କାରୟାର କର୍ତ୍ତୃପକ୍ଷ ମନଇଚ୍ଛା ଲଗେଂଟ କାଟିଦେବା ଆଦୌ ଉଚିତ ହେଉନାହିଁ । ଏଣୁ ଲଗେଂଟ ଅନିୟମିତତା କଟାଯାଇଥିବା ପ୍ରତିବାଦରେ ଆଜି ଟିକାବାଲି ଅଂଚଳର ଜନସାଧାରଣ ଟିକାବାଲି ସବଷ୍ଟେସନ କାର୍ଯ୍ୟାଳୟକୁ ଘେରିବା ସହିତ ଏସଡ଼ିଓଙ୍କୁ ଫୋନ ମାଧ୍ୟମରେ କଡ଼ା ଚାପିଦ କରିଥିବା ନଜର ରହିଛି । ପରବର୍ତ୍ତୀ ସମୟରେ ଯଦି ଏହା ପୁନରାବୃତ୍ତି ହୁଏ ତେବେ କର୍ତ୍ତୃପକ୍ଷଙ୍କ ବିରୋଧରେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଥିବା ଦେଖିବାକୁ ମିଳିଛି । ଆଜିର ଏହିକାର୍ଯ୍ୟକ୍ରମରେ ତନୁଜ କୁମାର ଭୋଇ, ବୁଲୁ ଡିଗାଲ, ନଳିନୀମାଧବ ପାତ୍ର, ଜ୍ୟୋତି ମାହାପାତ୍ର, ସୋନ୍ତୋଷ ପଣ୍ଡା, ରଞ୍ଜନ ମହାଣ୍ଡି ଏହିପରି ବହୁତ ଲୋକ ଉପସ୍ଥିତ ଥିବାଲକ୍ଷଣପଡିଛି ।

ଉଚ୍ଛେଦ ପରେ ପୁଣି ଉଠା ଦୋକାନୀଙ୍କ ରାଜ, ପ୍ରଶାସନ ନୀରବ

ଯାଜପୁର, ୨୭/୦୨ (ଆ.ପ୍ର) : ବିଗତ ଦୀର୍ଘ ବର୍ଷ ଅନ୍ତର ପରେ ଯାଜପୁରକୁ ମହାମହିମ ରାଷ୍ଟ୍ରପତିଙ୍କ ଆଗମନ କରିଥିଲେ । ଏଥିପାଇଁ ଯାଜପୁର ସହର ଚକଚକ୍ୟ ହୋଇପଡ଼ିଥିଲା । ରାସ୍ତା ଘାଟ ଠାରୁ ଆରମ୍ଭ କରି ଲୋକ ଜବରଦସ୍ତ କରିଥିବା ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଇ ଥିବା ସହିତ ସେହି ଉଚ୍ଛେଦ ସ୍ଥାନ ମାନଙ୍କରେ ଯାଜପୁର ପୌ । ରପାଳିକା ପଷ୍ଠରୁ ତାର ବାଡ଼ ଆବୃତି କରାଯାଇଥିଲା । ଏହା ଏକ ଯାଜପୁର ସହର ପାଇଁ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଯାଜପୁର ସହରର ସମସ୍ତ ଜନସାଧାରଣ ଓ ବୁଦ୍ଧିଜୀବ ମାନେ ଭାବିଥିଲେ । କିନ୍ତୁ ଏହାର ବ୍ୟତିକ୍ରମ ସହର ମଧ୍ୟରେ ଦେଖିବାକୁ ମିଳେ । ସହର ର ସମସ୍ତ ମୁଖ୍ୟ ରାସ୍ତା, ମେଡିକାଲ ଛକ, ଗାନ୍ଧୀ ଛକ, ଗରିଆପୁର ଛକ, ମାର୍କେଟ ଛକ, ବଡ଼ବଜାର ଛକ ମୁମୁଖ ରାସ୍ତା ପାର୍ଶ୍ୱରେ ଥିବା ବିଶାଳ ପୌରପାଳିକା ଜାଗାକୁ ଘୋର ଜବରଦସ୍ତ କାବୁ କରିଥିବା ଦେଖିବାକୁ ମିଳେ । ପ୍ରଶାସନ ନୀରବତାକୁ ନେଇ ବୁଦ୍ଧି ଜୀବୀଙ୍କ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଜନସାଧାରଣଙ୍କ ଅଭିଯୋଗ ତହସିଲ, ପୌରପାଳିକା ପ୍ରଶାସନର 'ଦୁଇଗୋଳର' କାର୍ଯ୍ୟାନୁଷ୍ଠାନ ଏବେ ଏକ ବଡ଼ ଶୂନ୍ୟରେ ପରିଣତ ହୋଇଛି । ଯେଉଁ ରାସ୍ତାକୁ ଲୋକଙ୍କ ସୁବିଧା ଲାଗି ମୁକ୍ତ କରାଯାଇଥିଲା । ତାହା ଏବେ କିଛି ଅସାଧୁ ଉପାଦୋକାନୀଙ୍କ ବ୍ୟକ୍ତିଗତ ପୈତୃକ ସମ୍ପତ୍ତି ପାଲଟିଛି । ସରକାର ବଦଳିବା ପରେ ଏକ ଜବର ଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଥିଲା । ଆଶା ଥିଲା ରାସ୍ତା ପ୍ରଶସ୍ତ ହେବ ଏବଂ ଟ୍ରାଫିକ ସମସ୍ୟା ଦୂର ହେବ ମାତ୍ର, ସେହି ଜାଗା ଏବେ ଜବରଦଖଲକାରୀଙ୍କ ଲାଗି ଚରାଭୂମିଁ ସାଜିଛି । ଟ୍ରାଫିକ ଜାମରେ ଛଟପଟ ହେଉଛନ୍ତି ସାଧାରଣ ଜନତା । ସହର ର ଗାନ୍ଧୀ ଛକ, ମେଡିକାଲ ଛକ, ବଡ଼ ବଜାର ଦେଇଛି ଅଂଚଳର ମୁଖ୍ୟ ପ୍ରାଣକେନ୍ଦ୍ର । ଏହି ବଜାର ଦେଇ ପ୍ରତ୍ୟେକ ଦିନ ଶହଶହ ଗାଡି ମଟର ସହିତ ଶହଶହ ଜନସାଧାରଣ, ଛାତ୍ରଛାତ୍ରୀ, ସରକାରୀ କର୍ମଚାରୀ, ଆମ୍ବୁଲାନ୍ସ ସେବା ସହିତ ବଡ଼ ବଡ଼ ବସ ସମେତ ସରକାରୀ ଗାଡ଼ି ଯାତାୟାତ କରେ । ଏହା ସହିତ ସ୍ଥାନୀୟ ବିରଳ ସାଣ୍ଡାଛିକ ହାଟ, ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମାଁ ବିରଜା ମନ୍ଦିର ପୂଜା ଅର୍ଚ୍ଚନା ସମୟରେ ସହର ମଧ୍ୟରେ ପାଦ ପକାଇବାକୁ ଲାଗି ମିଳେନାହିଁ । ପ୍ରଶାସନର ନାକ ତଳେ ଏହି ଜବରଦଖଲ ପୁଣି କେମିତି ହେଉଛି ? କାହା ଛତ୍ରଛାୟା ତଳେ ଏହି ଉଠା ଦୋକାନୀ ମାନେ ଏହି ରାସ୍ତାକୁ ଜବରଦଖଲ କରୁଛନ୍ତି । ଯାହା ଶୁଣିବାକୁ ମିଳେ କାଳକ୍ରମିକର ଏହାର ମୁଖ୍ୟ ଖନନାୟକ ଭୂମିକାରେ ଅବତୀର୍ଣ୍ଣ ଅଛନ୍ତି । ସରକାରୀ ଅର୍ଥରେ ତାରବାଡ ହେଲା, କିନ୍ତୁ ତାହା ସାଧାରଣ ଜନତାଙ୍କ ବଦଳରେ କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କ ଲାଭ ଲାଗି ବ୍ୟବହାର ହେଉଛି । ରାସ୍ତା ଉପରେ ଦୋକାନ ମୋଲାଦେବାକୁ ଯାଜବାହନ ଚଳାଚଳ ବାଧାପ୍ରାପ୍ତ ହେଉଛି । ଜିଲ୍ଲା ପ୍ରଶାସନ ସବୁ ଦେଖି ଚୁପ୍ ରହିବା ସେମାନଙ୍କର ଅପାରଗତାକୁ ସ୍ପଷ୍ଟ ପ୍ରମାଣିତ କରୁଛି । ଯାହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି । ଦ୍ରୁତ ଏହି ଜବରଦଖଲ ଉଚ୍ଛେଦ କରାନଯାଏ ତାହେଲେ ଧିରେ ଧିରେ ଆହୁରି ଜବରଦଖଲ ବଢ଼ି ଯିବା ଆଶଙ୍କା ରହିଛି । ତେବେ ଯଥାଶୀଘ୍ର ଏହି ଜବରଦଖଲ ଉଚ୍ଛେଦ କରାଗଲେ ଟ୍ରାଫିକ ସମସ୍ୟା ଦୂର ହୋଇ ପାରିବ ବୋଲି ସ୍ଥାନୀୟ ଅଂଚଳ ବାସିନ୍ଦା ଦାବି କରିଛନ୍ତି ।

ପାରଳାଖେମୁଣ୍ଡି ପୌରପାଳିକା ଅଧିନସ୍ଥ କ୍ୱାର୍ଟର ଜବରଦଖଲ

ପାରଳାଖେମୁଣ୍ଡି, ୨୭/୦୨ (ଆ.ପ୍ର) : ପାରଳାଖେମୁଣ୍ଡି ପୌରପାଳିକା ଅଧିନସ୍ଥ କ୍ୱାର୍ଟର ଗୁଡିକ ବର୍ଷବର୍ଷ ଧରି ଜବରଦଖଲରେ ରହିଛି । କର୍ମଚାରୀ ମାନେ ଅବସର କିମ୍ବା ବଦଳି ହେଲେ ମଧ୍ୟ ଏପର୍ଯ୍ୟନ୍ତ ସେହି କ୍ୱାର୍ଟର ଗୁଡିକ ଖାଲି କରୁନାହାନ୍ତି । ବହୁ କ୍ୱାର୍ଟର ଭାଙ୍ଗଭାଙ୍ଗ ହୋଇ ପରିବାର ସଂଖ୍ୟା ବଢିବାରେ ଲାଗିଛି । ଏ ଦିଗରେ ପୌରପାଳିକା କର୍ତ୍ତୃପକ୍ଷ ଦୃଷ୍ଟି ଦେଇନାହାନ୍ତି ।ବଡ଼ ରାଜନୈତିକଗୁରୁ ଲକ୍ଷଲକ୍ଷ ଟଙ୍କା ରାଜସ୍ୱହାନୀ ଘଟୁଛି ।ଏହି ବିଷୟରେ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁଙ୍କୁ ପଚାରିବାରୁ ସେ କହିଛନ୍ତି ପୌରପାଳିକାର ୬୦ଟି କ୍ୱାର୍ଟର ରହିଛି । ଯେଉଁମାନେ ବେଆଇନ ଭାବେ ରହିଛନ୍ତି ସେମାନଙ୍କୁ ନୋଟିସ ପଠାଯାଇଛି । ପୁଣି ଆଗାମୀ ଦିନରେ ଦ୍ୱିତୀୟ ନୋଟିସ ପଠାଯିବ । ଯଦି ସେମାନେ ଅବମାନନା କରନ୍ତି ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ।

ଡିହିଗୋପ ଶିବମୁନୀ ଯୋଗାଶ୍ରମର ୨୧ତମ ବାର୍ଷିକ ସତ୍‌ସଙ୍ଗ ଉତ୍ସବ ଅନୁଷ୍ଠିତ

ମାହାଙ୍ଗା, ୨୭/୦୨ (ଆ.ପ୍ର) : ମାହାଙ୍ଗା ବ୍ଲକ ନାହାଙ୍ଗ ପଂଚାୟତ ଅନ୍ତର୍ଗତ ଗୌଡଗୋପ ଠାରେ ଅଖିଳ ଭାରତୀୟ ସର୍ବଶିରୋମଣି ମୁନିମାନର ୨୧ତମ ସତ୍‌ସଙ୍ଗ ଉତ୍ସବ ମୁନି ନଗରରେ ବିଶ୍ୱାଳକ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସଦ୍ୟପତାକା ଉତ୍ତୋଳନ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ମୁନି ବିଜୟର ବେଦେହା ଚିତ୍ରିପୋଗ ଯୋଗାଶ୍ରମ ଶାଖାର ବାର୍ଷିକ ବିବରଣୀପାଠ କରିଥିଲେ । ମୁନିମିତି ସମ୍ପିତା ରାୟ ଆମ୍ବୁଷାନ ସଂଗୀତ ପରିବେଷଣ କରିଥିଲା ବେଳେ ଏହି କାର୍ଯ୍ୟକ୍ରମରେ ସୁଦୂର କେନ୍ଦ୍ରୁଝରର ଯୋଗାଚାର୍ଯ୍ୟ ଯୋଗୀ ବାଉଧାର ମୁନି ବେଦ,ଭଗନିଷ୍ଠରେ ଜଡ ଓ ଚେତନ ସମ୍ପର୍କରେ ଆଲୋଳପାତ କରିଥିଲେ । କେନ୍ଦ୍ରପଡା ଜିଲ୍ଲାର ବାଲିଆଗ୍ରାମର ମୁନି ରତ୍ନଯୋଗୀ ପ୍ରଫୁଲ୍ଲପତି ମୁନିସାମାନଙ୍କର ଆଧ୍ୟାତ୍ମିକ ଓ ପ୍ରକୃତ ଈଶ୍ୱର କିଏ ବୋଲି ସାରଗର୍ଭିକ ଲୋକପାତ କରିଥିଲେ । ମଂଚରେ ଯୋଗୀ ଲମ୍ବେଶ୍ୱର ମୁନି , ବାସୁଦେବ ମୁନି, ଯୋଗୀ କିଶୋର ମୁନି, ଯୋଗୀ ନିମାଇ ମୁନି ପ୍ରମୁ

ଦୈନିକ
ଆରମ୍ଭ
SEITHO ARAMBHA

ଶୁକ୍ରବାର, ୨୭ ଫେବୃୟାରୀ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ମଧ୍ୟାହ୍ନ ଭୋଜନରେ ଅନିୟମିତତା, ଅଧିକ ଉପସ୍ଥାନ ଦର୍ଶାଇ ଫାଇଦା ନେଉଛନ୍ତି

ଝରିଗାଁ, ୨୬/୦୨ (ଆ.ପ୍ର) : ଝରିଗାଁ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ହେଉଛି ତତ୍ତ୍ୱ କେଳେଙ୍କାରୀ ମଧ୍ୟାହ୍ନ ଭୋଜନର ଦୈନିକ ତଦାରଖ କରାଯାଉ ନ ଥିବା ବେଳେ ଖାଦ୍ୟ ସୁରକ୍ଷା ଆଇନକୁ ଜଳାଞ୍ଜଳି ଦିଆଯାଇଛି । ସହ କୋମଳମୋଟି ଛାତ୍ର ଛାତ୍ରୀଙ୍କ ପେଟକୁ ଲାଭ ମାରି ବ୍ୟାପକ ଅର୍ଥ ବାଟମାରଣା କରାଯାଉଥିବା ସାଧାରଣରେ ଅଭିଯୋଗ ହୋଇଛି । ଦୈନିକ ବିଦ୍ୟାଳୟ ମାନଙ୍କରେ ରନ୍ଧୁଥିବା ଉପସ୍ଥାନଠାରୁ ମାତ୍ରାଧିକ ଛାତ୍ରଛାତ୍ରୀଙ୍କ ଉପସ୍ଥାପନ ଦର୍ଶାଇ ମଧ୍ୟାହ୍ନ ଦାନ ସମେତ ବଜେଟ୍ ଚାଉଳକୁ ବାଟମାରଣା କରାଯାଉଛି ଝରିଗାଁ ବ୍ଲକର ଗୋଟିଏ କି ଦୁଇଟି ବିଦ୍ୟାଳୟ ନୁହେଁ ଅଧିକାଂଶ ବିଦ୍ୟାଳୟରେ ଏଭଳି ଘଟଣା ଘଟୁଥିବା ଅନେକ ଶିକ୍ଷକ ନିଜ ନାମ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି । ଗୋଟିଏ ପାର୍ଶ୍ୱରେ ମଧ୍ୟାହ୍ନ ଭୋଜନରେ ସ୍ୱଚ୍ଛତା ଆଣିବା ପାଇଁ ସରକାର ନିର୍ଦ୍ଧାରିତ ସମୟ ମଧ୍ୟରେ ବିଦ୍ୟାଳୟମାନଙ୍କରେ କେତେ ସଂଖ୍ୟକ ଛାତ୍ର ଛାତ୍ରୀ ମଧ୍ୟାହ୍ନ ଭୋଜନ ଖାଇଛନ୍ତି ତାହାର ରିପୋର୍ଟ ନିର୍ଦ୍ଧାରିତ ପୋର୍ଟାଲ ବା ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ (ପିଏମପି) ଆପରେ ଅପଲୋଡ୍ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି । ପୂର୍ବରୁ ୨/୪ ଦିନ ଧରି ରିପୋର୍ଟକୁ ଅନଲାଇନରେ ଅପଲୋଡ୍ କରାଯାଇ ନଥିବା ବେଳେ ଏବେ ଗତ କିଛିଦିନ ହେଲା ପୋର୍ଟାଲ କାମ କରୁ ନ ଥିବା ହେତୁ ଶିକ୍ଷକମାନେ ଏହାର ଉତ୍ତରରେ ମାଇଦା ଡଟାଇଛନ୍ତି

ମୁଖ୍ୟତଃ ସରକାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ପୋଷଣ ଯୁକ୍ତ ଖାଦ୍ୟ ଯୋଗାଇବା ଲାଗରେ ପ୍ରଧାନମନ୍ତ୍ରୀ ପୋଷଣ ବା ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରିଛନ୍ତି । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହାକାରିତାରେ ଚାଲିଥିବା ଏହି ଯୋଜନା ମାଧ୍ୟମରେ ଛାତ୍ର ଛାତ୍ରୀଙ୍କୁ ଦୈନିକ ପୁଷ୍ଟିକର ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି । ପୂର୍ବରୁ ମଧ୍ୟାହ୍ନ ଭୋଜନ ନିମନ୍ତେ ଧାର୍ଯ୍ୟ ହୋଇଥିବା ମୂଲ୍ୟଠାରୁ ଯଥେଷ୍ଟ ନ ଥିବା ନେଇ ବହୁ ଅଭିଯୋଗ ପରେ ସରକାର ଏହି ଦରରେ ମଧ୍ୟ ପରିବର୍ତ୍ତନ କରିଛନ୍ତି ଯାହାକି ଏବେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାପ୍ରତି ୧୧ ଟଙ୍କା ୧୫ପଇସା ଦେଉଥିବା ବେଳେ ୬ଷ୍ଠ ଠାରୁ ୮ମ ଶ୍ରେଣୀ ପାଇଁ ୧୪ଟଙ୍କା ୭୪ ପଇସା ଦେଉଛନ୍ତି ହେଲେ ବିଦ୍ୟାଳୟ ମାନଙ୍କରେ ନାନା ଅସୁବିଧା ଦର୍ଶାଇ ଅଧିକ ପିଲାଙ୍କ ଉପସ୍ଥାନ ଦେଖାଇ ମଧ୍ୟାହ୍ନ ଭୋଜନ ଅର୍ଥ ସମେତ ଆସୁଥିବା ଚାଉଳକୁ ଆତ୍ମସାତ କରାଯାଉଥିବା ଅଭିଯୋଗ ହେଉଛି ଦୈନିକ ବିଦ୍ୟାଳୟମାନଙ୍କରୁ ମଧ୍ୟାହ୍ନ ଭୋଜନର ଉପସ୍ଥାନ ଓ ମହଜୁତ ରନ୍ଧୁଥିବା ଚାଉଳରେ ତାଳମେଳ ରହୁ ନଥିବା ଅନେକ ଶିକ୍ଷକ ମତପ୍ରକାଶ କରିଛନ୍ତି ଯାହାକି ଏ ସବୁ ଚାଉଳକୁ କିଏ ଗାଡି ଅଧରେ ବିକ୍ରୟ କରୁଛି ତ କିଏ ପୁଣି ସମ୍ପୃକ୍ତ ଡିଲରଙ୍କ ସହ ସାଲାସୁଦୁରା କରି ମିଥ୍ୟା ରିପୋର୍ଟରେ ଚାଉଳ ଲେଣଦେଣ କରୁଥିବା କୁହାଯାଉଛି । ଏପରେ ବାଯିତ୍ରରେ ଥିବା ଅଧିକାରୀମାନେ ମଧ୍ୟ ଏହା ଉପରେ ଗୁରୁତ୍ୱ ଦେଉଥିବା ଅଭିଯୋଗ ହେଉଛି ଏପରେ ଏହି ପୋର୍ଟାଲକୁ ବିଭାଗ ପକ୍ଷରୁ କୁହାଯାଉଛି ଏହି ବ୍ୟାଧି ଝରିଗାଁ ବ୍ଲକ ସମେତ ସାରା ଜିଲ୍ଲାରେ ବ୍ୟାପିଥିବାବେଳେ ଏ ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଶିକ୍ଷକ ମହଲରେ ଦାବି ହେଉଛି ।

ପୋଲିସ ଓ ଜନସାଧାରଣ ମଧ୍ୟରେ ସମନ୍ୱୟ ଓ ସହଯୋଗ ରହିଲେ ସାମାଜିକ ଶାନ୍ତି ପ୍ରତିଷ୍ଠା ହୋଇପାରିବ

ବଣାଇଁ, ୨୬/୦୨ (ଆ.ପ୍ର) : ଗୁରୁଣ୍ଡିଆ ବ୍ଲକ ଚାନ୍ଦିପୋଷ୍ଟ ଥାନା ଅନ୍ତର୍ଗତ ବାଙ୍କୀ ଗ୍ରାମ ପଂଚାୟତର ପାତ୍ର ସାହି କମ୍ୟୁନିଟି ସେଂଟରରେ ପୋଲିସ ଓ ସ୍ଥାନୀୟ ଜନସାଧାରଣ ମଧ୍ୟରେ ସମନ୍ୱୟ ଓ ସହଯୋଗ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଚାନ୍ଦିପୋଷ୍ଟ ପୋଲିସ ପକ୍ଷରୁ ଏକ ଆମ (ଏରିଆ ମ୍ୟାନେଜମେଂଟ ଆପ୍ରୋଚ୍) ପୋଲିସ ସଭା ଆୟୋଜିତ ହୋଇଥିଲା । ଏହି ସଭାରେ ବାଙ୍କୀ ସରପଂଚ, ପିଆଗଡାଲ ସଦସ୍ୟମାନେ, ପଂଚାୟତ ଅଂଚଳର ସ୍ଥାନୀୟ ଗ୍ରାମବାସୀ ଏବଂ ସମ୍ପର୍କିତ ପୋଲିସ ଅଂଚଳର ବିଟ୍ ଅଫିସରମାନେ ଉପସ୍ଥିତ ଥିଲେ । ସଭା ସମୟରେ ଚାନ୍ଦିପୋଷ୍ଟ ଥାନା ଅଧିକାରୀ ଶ୍ରୀ ଜାନ ଖାମାରୀ, ଫଣୀ ଲୁଣ୍ଡ ମହାନ୍ତ, ଗ୍ରାମବାସୀ ଓ ସମୁଦାୟ ପ୍ରତିନିଧିମାନଙ୍କ ସହ ସାମଗ୍ରିକ ଭାବେ ଆଲୋଚନା କରି ଆଇନ ଓ ସୃଙ୍ଖଳାସନ ବଜାୟ ରଖିବାରେ ସାଧାରଣ ଜନତାଙ୍କ ସକ୍ରିୟ ଅଂଶଗ୍ରହଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସ୍ଥାନୀୟ ଆଇନ-ଶୃଙ୍ଖଳା ସମସ୍ୟା, ସାର୍ବଜନୀନ ସୁରକ୍ଷା ଚିନ୍ତାବିଷୟ ଓ ଗ୍ରାମବାସୀମାନଙ୍କ ଦୈନନ୍ଦିନ ଜୀବନରେ ସମ୍ମୁଖୀନ ସମସ୍ୟାଗୁଡ଼ିକ ଉପରେ ଚର୍ଚ୍ଚା ହୋଇଥିଲା । ପୋଲିସ ଅଧିକାରୀମାନେ ସନ୍ଦେହଜନକ କାର୍ଯ୍ୟକଳାପ, ଅପରାଧ ପ୍ରତିରୋଧ ଓ ଶାନ୍ତି-ସମନ୍ୱୟକୁ ପ୍ରଭାବିତ କରୁଥିବା ସାମାଜିକ ସମସ୍ୟା ସମ୍ପର୍କରେ ସମୟ ମତେ ସୂଚନା ଦେବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ । ଅପରାଧ ପ୍ରତିରୋଧ, ସଡ଼କ ସୁରକ୍ଷା, ସାଇବର ଠକେଇ ଓ ଅନ୍ୟାନ୍ୟ ଜଦୟମାନ ଆପରା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇ ଗ୍ରାମବାସୀମାନଙ୍କୁ ସତର୍କ ଓ ସହଯୋଗୀ ହୋଇବାକୁ ଆହ୍ୱାନ କରାଯାଇଥିଲା । ସରପଂଚ ଓ ପିଆଗଡାଲ ସଦସ୍ୟମାନେ ଚାନ୍ଦିପୋଷ୍ଟ ପୋଲିସଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରି ଗ୍ରାମ ପଂଚାୟତ ପକ୍ଷରୁ ଶକ୍ତିପୂର୍ଣ୍ଣ ଓ ଅପରାଧମୁକ୍ତ ପରିବେଶ ଗଢ଼ି ତୋଳିବାରେ ପୂର୍ଣ୍ଣ ସହଯୋଗ ଦେବାକୁ ଆଶ୍ୱାସନ । ଦେଇଥିଲେ । ଗ୍ରାମବାସୀମାନେ ମଧ୍ୟ ନିଜ ନିଜ ସମସ୍ୟା ଓ ପ୍ରସ୍ତାବ ରଖିଥିଲେ, ଯାହାକୁ ପୋଲିସ ଅଧିକାରୀମାନେ ସାବଧାନତା ସହ ଶୁଣି ଲେଖା ରଖିଥିଲେ । ସଭାର ଶେଷରେ ପୋଲିସ ଓ ଜନସାଧାରଣ ମଧ୍ୟରେ ପାରସ୍ପରିକ ଭରସା ଓ ସହଯୋଗକୁ ପୁନଃଦୃଢ଼ କରାଯାଇ, ତ ମନ୍ଦା ଗ୍ରାମ ପଂଚାୟତ ଅଂଚଳର ସୁରକ୍ଷା ଓ ସାମାଜିକ ସମନ୍ୱୟ ସୁନିଶ୍ଚିତ କରିବା ପାଇଁ ଉଭୟ ପକ୍ଷ ମିଶି କାମ କରିବାକୁ ସଙ୍କଳ୍ପ ବ୍ୟକ୍ତ କରିଥିଲେ । ଶେଷରେ ସମାଜ ସେବୀ ଗୋବିନ୍ଦ କୁମାର ଜୟ ସ୍ୱାଇ ଧନ୍ୟବାଦ ଦେଇଥିଲେ ।

ପୁରୀ ପୋଲିସ ପକ୍ଷରୁ ପୁନରାବୃତ୍ତି ଅପରାଧୀଙ୍କ ବିରୋଧରେ ୧୨୯ ବିଏନଏସ୍ ଅନୁସାରେ ବାଉଣ୍ଡ ଡାଉନ୍

ପୁରୀ, ୨୬/୦୨ (ଆ.ପ୍ର) : ଅପରେସନ ଚକ୍ରରେ ପେଣ୍ଡେଣ୍ଟା ମେରାଇନ ଥାନା ଦ୍ୱାରା ଅଭିଯୁକ୍ତ ବିଶ୍ୱଜିତ୍‌ଙ୍କ ପ୍ରଧାନ ବିରୋଧରେ ୧୨୯ ବିଏନଏସ୍ ଅନୁସାରେ ବାଉଣ୍ଡ ଡାଉନ୍ । ଜିଲ୍ଲାରେ ଆଇନ-ଶୃଙ୍ଖଳା ରକ୍ଷା ଓ ପୁନରାବୃତ୍ତି ଅପରାଧୀଙ୍କୁ ନିୟନ୍ତ୍ରଣ କରିବା ପାଇଁ ପୁରୀ ପୋଲିସ ପକ୍ଷରୁ କଡା ଓ ପ୍ରତିରୋଧକ ପଦକ୍ଷେପ ଅବ୍ୟାହତ ରହିଛି । ପୁନରାବୃତ୍ତି ଭାବେ ଆଇନ ଭଙ୍ଗ କରୁଥିବା ଓ ଶାନ୍ତି-ଶୃଙ୍ଖଳା ପାଇଁ, ସୃଷ୍ଟି କରୁଥିବା ଅଭିଯୁକ୍ତମାନଙ୍କ ବିରୋଧରେ ୧୨୯ ବିଏନଏସ୍ ଅନୁସାରେ ବାଉଣ୍ଡ ଡାଉନ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ପୁରୀ ଏସି ପ୍ରତୀକ ସିଂହ ନିର୍ଦ୍ଦେଶରେ ସମସ୍ତ ଥାନାକୁ ପୁନରାବୃତ୍ତି ଅପରାଧୀଙ୍କ ବିରୋଧରେ ୧୨୯ ଜଗଝ ଅନୁସାରେ ବାଉଣ୍ଡ ଡାଉନ୍ ଆଦେଶ ମଞ୍ଜୁର ହୋଇଛି । ଏହା ନିର୍ଦ୍ଦେଶ ଦିଆଯାଇଛି । ସେହି ଅନୁଯାୟୀ ଆଜି ବିଶ୍ୱରଞ୍ଜନ ପ୍ରଧାନ 'ବୁଲିଆ'ଙ୍କ ବିରୋଧରେ ୧୨୯ ଜଗଝ ଅନୁସାରେ ବାଉଣ୍ଡ ଡାଉନ୍ ଆଦେଶ ମଞ୍ଜୁର କରାଯାଇଛି । ଉକ୍ତ ଅଭିଯୁକ୍ତ ପୂର୍ବରୁ ପେଣ୍ଡେଣ୍ଟା ମେରାଇନ ଥାନା ଅଂଚଳରେ ବିଭିନ୍ନ ଅପରାଧମୂଳକ କାର୍ଯ୍ୟରେ ଜଡିତ ଥିବାରୁ ଆଗାମୀଦିନରେ ଶାନ୍ତି-ଶୃଙ୍ଖଳା ଭଙ୍ଗ ହେବାକୁ ବାଧକ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ମ୍ୟାଜିଷ୍ଟ୍ରେଟଙ୍କ ଆଦେଶ ଅନୁଯାୟୀ ତାଙ୍କୁ ୫୦,୦୦୦/- ଟଙ୍କାର ସୁରକ୍ଷା ଜମା ଦେବାକୁ ନିର୍ଦ୍ଦେଶ ହୋଇଛି । ଚଳିତ ବର୍ଷରେ ଏପର୍ଯ୍ୟନ୍ତ ମୋଟ ୩୦ ଜଣ ପୁନରାବୃତ୍ତି ଅପରାଧୀଙ୍କ ବିରୋଧରେ ୧୨୯ ଜଗଝ ଅନୁସାରେ ବାଉଣ୍ଡ ଡାଉନ୍ ଆଦେଶ ମଞ୍ଜୁର ହୋଇଛି । ଏହା ମାଧ୍ୟମରେ ଜିଲ୍ଲାରେ ଅପରାଧ ରୋକିବା, ସାମାଜିକ କାର୍ଯ୍ୟକଳାପ ନିୟନ୍ତ୍ରଣ ଓ ସାଧାରଣ ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବାରେ ସକାରାତ୍ମକ ପରିଣାମ ଦେଖାଯାଇଛି । ପୁରୀ ପୋଲିସ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଯେଉଁମାନେ ଆଇନକୁ ଅମାନ୍ୟ କରି ଶାନ୍ତି-ଶୃଙ୍ଖଳା ଭଙ୍ଗ କରିବେ, ସେମାନଙ୍କ ବିରୋଧରେ ଏକାଧିକ ପ୍ରତିରୋଧକ ଆଇନଗତ କାର୍ଯ୍ୟାନୁଷ୍ଠାନ ଅଗାମୀଦିନରେ ମଧ୍ୟ ଜାରି ରହିବ । ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି ଯେ, କୌଣସି ସନ୍ଦିଗ୍ଧ କାର୍ଯ୍ୟକଳାପ ବା ଅସାମାଜିକ ତତ୍ତ୍ୱ ସମ୍ବନ୍ଧରେ ତୁରନ୍ତ ପୋଲିସକୁ ସୂଚନା ଦେଇ ସହଯୋଗ କରନ୍ତୁ । ପୋଲିସ ଓ ଜନସାଧାରଣଙ୍କ ସମନ୍ୱୟରେ ଜିଲ୍ଲାରେ ଶାନ୍ତି ଓ ସୁରକ୍ଷା ଅବ୍ୟାହତ ରହିବ ।

ପ୍ରଶାସନ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଆଲୋଚନା ଜାରି

ଦଶପଲ୍ଲା, ୨୬/୦୨ (ଆ.ପ୍ର) : କୁଅଁରିଆ ଜଳ ଭଣ୍ଡାର ପାଇଁ ନିଜର ବାସସ୍ଥାନ ହରାଇ ବିସ୍ଥାପିତ ହେବା ପରେ ବୁଢୁଡ଼ା ଓ ବୁଢୁଡ଼ା ଜଲୋମ୍ବା ଅଂଚଳରେ ଥଇଥାନ ହୋଇଥିବା ପ୍ରାୟ ୪୦ଟି ପରିବାରକୁ ନେଇ ଲାଇନ ପାଇଁ ପୁନଃ ବିସ୍ଥାପିତ କରାଯାଇ ଥିବାର ଅଭିଯୋଗ କରି ଏସବୁ ପରିବାର ପକ୍ଷରୁ ଗେଜ ପ୍ରକଳ୍ପ ସ୍ଥାନରେ ଚାଲିଥିବା ଅହୋରାତ୍ର ଆନ୍ଦୋଳନ ସ୍ଥଳରେ ଆଜି ପ୍ରଶାସନ ଓ ବିଭାଗୀୟ ଅଧିକାରୀ ପହଂଚି ଦୀର୍ଘ ସମୟ ଆଲୋଚନା କରିଥିଲେ । ସମ୍ବାଦରେ ଆଜ ଏକ ପର୍ଯ୍ୟାୟ ଆଲୋଚନା ମଧ୍ୟ କରାଯାଇଥିବା ଜଣାପଡିଛି । ହେଲେ ସମାଧାନର କାଟ ଆଜ କେତେ ଦୂରରେ, ତା'ର ସ୍ପଷ୍ଟ ଚିତ୍ରକୁ ଏବେବି ଅପେକ୍ଷା ରହିଛି ।

ରତନପୁର ଗ୍ରାମକୁ ରାସ୍ତା ନିର୍ମାଣ ନେଇ ତହସିଲ ପ୍ରଶାସନର ତତ୍ପରତା

ଖଣ୍ଡପଡ଼ା, ୨୬/୦୨ (ଆ.ପ୍ର) : ଖଣ୍ଡପଡ଼ା ବ୍ଲକ ବଡବାଣପୁର ପଂଚାୟତ ଅଧୀନସ୍ଥ ରତନପୁର ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ ନେଇ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଉକ୍ତ ଗ୍ରାମକୁ ରାସ୍ତା ନିର୍ମାଣରେ ପ୍ରତିବନ୍ଧକ ସାଜିଥିବା ଜଳଚରଖଣ୍ଡଲଜାରୀଙ୍କୁ ପ୍ରଶାସନ ଚାଡିବ କରିବା ପରେ ରାସ୍ତା ନିର୍ମାଣ ନେଇ ଆବଶ୍ୟକ ଜାଗା ମାପଚୁପ ଶେଷ ହୋଇଥିବା ଜଣାପଡିଛି । ଜଂଟିଲୋ ରାଜସ୍ୱ ନିରୀକ୍ଷକ ଓ ବନପାଳଙ୍କ ରିପୋର୍ଟ ଆଧାରରେ ରାସ୍ତା ନିର୍ମାଣ ନିମନ୍ତେ ଚିହ୍ନଟ ହୋଇଥିବା ଜାଗାରୁ ଗଛ ଗୁଡିକ କାଟି ଦେବା ନିମନ୍ତେ ଖଣ୍ଡପଡ଼ା ତହସିଲ ପ୍ରଶାସନ ପକ୍ଷରୁ ନୟାଗଡ ବନଖଣ୍ଡ ଅଧିକାରୀଙ୍କୁ ପତ୍ର ଜଡିଆରେ ଅବଗତ କରାଯାଇଥିବା ସୂଚନା ମିଳିଛି । ପ୍ରଶାସନ ପକ୍ଷରୁ ଚିହ୍ନଟ ଜାଗାରୁ ଗଛ କଟାଯିବା ପରେ ରତନପୁର ଗ୍ରାମକୁ ରାସ୍ତା ନିର୍ମାଣ କାର୍ଯ୍ୟ ନୂଆ ପ୍ରଶାସନର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ହେବ ବୋଲି ଜଣାପଡିଛି । ଦୀର୍ଘ ବର୍ଷ ପରେ ଗ୍ରାମକୁ ରାସ୍ତା ନିର୍ମାଣ ନେଇ ତହସିଲ ଓ ବ୍ଲକ ପ୍ରଶାସନ ତତ୍ପରତା ଦେଖାଇଥିବାରୁ ରତନପୁର ଗ୍ରାମବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି ।

ନୂଆପଡ଼ାରେ ମାସିକ ସମୀକ୍ଷା ବୈଠକ ମଧୁସୂଦନ ଦାଶଙ୍କ ମାର୍ଚ୍ଚ ମଧ୍ୟରେ ଯୋଜନା ସମାପ୍ତିର ନିର୍ଦ୍ଦେଶ

ନୂଆପଡ଼ା, ୨୬/୦୨ (ଆ.ପ୍ର) : ନୂଆପଡା ଜିଲ୍ଲାରେ ମୃତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ବିଭାଗର ମାସିକ ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ଆରମ୍ଭରେ ପ୍ରକଳ୍ପ ନିର୍ଦ୍ଦେଶକ ଜଳବିଭାଜିକା, ରଣ୍ଟିରଞ୍ଜନ ପାତ୍ର ସମସ୍ତଙ୍କୁ ସ୍ୱାଗତ ଜଣାଇ ବିଭାଗୀୟ କାର୍ଯ୍ୟକ୍ରମ ସମ୍ବନ୍ଧରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ । ସହକାରୀ ନିର୍ଦ୍ଦେଶକ ମୃତିକା ସଂରକ୍ଷଣ, ସ୍ୱୟଂ ପ୍ରଭା ସିଂହ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଯଥା ପ୍ରଧାନମନ୍ତ୍ରୀ କୃଷି ସିଂଚାଇ ଯୋଜନା, ବୃଷ୍ଟିପୃଷ୍ଟ ଅଂଚଳର ବିକାଶ ଯୋଜନାରେ ବିକାଶ ଯୋଜନା, ଜଳଧାରା ଯୋଜନା, ମଳଗେରା ଇତ୍ୟାଦି ଯୋଜନାର ପ୍ରଗତି ସମ୍ବନ୍ଧରେ ତଥ୍ୟ ଉପସ୍ଥାପନ କରିଥିଲେ । କୃଷିବିକାଶକରଣ ଯୋଜନାରେ ଗୋପଣ ହୋଇଥିବା ୬୩ ହେକ୍ଟର ଚାରାଗଛ ଗୁଡ଼ିକର ଉପଯୁକ୍ତ ସଂରକ୍ଷଣ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜଳଧାରା ଯୋଜନାରେ ୯୫ ଗୋଟି ପୋଖରୀ ଖନନ କାର୍ଯ୍ୟ ମାର୍ଚ୍ଚ ୦୫ ତାରିଖ ମଧ୍ୟରେ ସମ୍ପନ୍ନ କରିବା ଏବଂ ମଳଗେରା ଯୋଜନାରେ କାର୍ଯ୍ୟକାରି ହେଉଥିବା ସମସ୍ତ ପ୍ରକଳ୍ପ ମାର୍ଚ୍ଚ ମାସ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହିଭଳି ବୃଷ୍ଟିପୃଷ୍ଟ ଅଂଚଳର ବିକାଶ ଯୋଜନାରେ ସମସ୍ତ ୩୧୪ ଜଣ ହିତାଧିକାରୀଙ୍କ ସହାୟତା ରାଶିକୁ ମାର୍ଚ୍ଚ ମାସ ୧୫ ତାରିଖ ମଧ୍ୟରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ପାଂଚଟି ବ୍ଲକର ପାଂଚ ଜଣ ସଫଳ ଚାଷୀଙ୍କୁ ସମ୍ବାଳିତ କରାଯାଇଥିବା ବେଳେ ଫେବୃଆରୀ ମାସ ପାଇଁ ବିଭାଗୀୟ କର୍ମଚାରୀ ମୁକେଶ ସୁଜାନୀଙ୍କୁ ଶ୍ରେଷ୍ଠ କ୍ଷେତ୍ର କର୍ମଚାରୀ ଭାବରେ ସମ୍ବାଳିତ କରାଯାଇଥିଲା । ବୈଠକରେ ବେଦବ୍ରତ ବିଶ୍ୱାଳ (ସହକାରୀ ନିର୍ଦ୍ଦେଶକ ମୃତିକା ସଂରକ୍ଷଣ), ଦ୍ୱେପ୍ତିୟ ପାଣିଗ୍ରାହୀ (ସହକାରୀ ମୃତିକା ସଂରକ୍ଷଣ ଅଧିକାରୀ) ତଥା ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

ମହାସମାରୋହରେ ମାତୃଭାଷା ଦିବସ ପାଳିତ

ଟାଙ୍ଗୀ ଚୌଦ୍ୱାର, ୨୬/୦୨ (ଆ.ପ୍ର) : ଗାମଣ୍ଡାମପୁର ପ୍ରାଥମିକ ବିଦ୍ୟାଳୟ ରେ ୨୭ତମ ଆନ୍ତର୍ଜାତୀୟ ମାତୃଭାଷା ଦିବସ ମହାସମାରୋହରେ ପାଳିତ ହୋଇ ଯାଇଛି । ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ,ସଭ୍ୟା ଉପସ୍ଥିତ ଥିଲେ । ପ୍ରଥମେ ସୁମିତ୍ରା ବେହେରା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭ ଉଦ୍ଘାଟନ କରିଥିଲେ । ତତ୍ପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ନାୟକ ଓ ସହକାରୀ ଶିକ୍ଷକ ସ୍ୱୋଗାନ କିଷନ, ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ, ବକ୍ତୃତା, ପଦ୍ୟାଣ୍ଡ ଓଡ଼ିଆ ଭ୍ରାଗ୍ମାନି ଲିଖନ ଆଦି ପ୍ରତିଯୋଗିତା କରାଯାଇ କୃତି ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନିଜ ମାତୃଭାଷା ଓଡିଆରେ ଗଳ୍ପଲିଖନ, ସୁଜନଶୀଳ ଲିଖନ, ଶୃତଲିଖନ, ବାଦଲ ନାୟକଙ୍କ ତତ୍ତ୍ୱାବଧାନରେ ଓ ଗୌରି ସାହ, ମମତା ରାଉତ ଭାରତବ ଗଉଡେ,ବିଚିତ୍ର ମାଝି, ଶୈଳବାଳା ମହାନ୍ତି ଓ ରମେଶ ବେହୁରୀ ପ୍ରମୁଖଙ୍କ ସହଯୋଗରେ କରାଯାଇଥିଲା । ତା ସହିତ ମାତୃଭାଷାର ସୁରକ୍ଷା ନିମିତ୍ତ ସଚେତନତା ଅଭିଯାନ ଓ ନଗର ପରିକ୍ରମା ମଧ୍ୟ ଆୟୋଜନ କରାଯାଇଥିଲା । ପରିଶେଷରେ ପ୍ରଧାନ ଶିକ୍ଷକ ମହୋଦୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମର ଉଦଯାପନ କରିଥିଲେ ।

ଯାଜପୁର ଜିଲ୍ଲା ବୈରୀସ୍ଥିତ ପୋଲିସ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ୫୪ତମ ରାଜ୍ୟ ପୋଲିସ ବନ୍ଧୁକ ଚାଳନା ପ୍ରତିଯୋଗିତା ଉଦଘାଟିତ

ଛତିଆ, ୨୬/୦୨ (ଆ.ପ୍ର) : ଆଜି ପୂର୍ବାହ୍ନରେ ପୋଲିସ ପ୍ରଶିକ୍ଷଣ ପ୍ରତିଷ୍ଠାନ , ବୈରୀ ପରିସରରେ ଓଡ଼ିଶା ପୋଲିସର ୫୪ତମ ରାଜ୍ୟ ପୋଲିସ ବନ୍ଧୁକ ଚାଳନା ପ୍ରତିଯୋଗିତା ଅନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି । ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ନିର୍ଦ୍ଦେଶକ, ଗୁଇନ୍ଦା, ଶ୍ରୀ ଆର. ପି. କୋଚେ ଯୋଗଦେଇ ଆକର୍ଷଣୀୟ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସରରେ ଶ୍ରୀ କୋଚେ ପୋଲିସ

ଦୈନିକ
ଆରମ୍ଭ
SEITHO ARAMBHA
ଶୁକ୍ରବାର, ୨୭ ଫେବୃୟାରୀ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ମେମୋରିଆଲ କପ୍ ଫୁଟବଲ ଟୁର୍ଣ୍ଣାମେଂହଟ, ବିଡ଼ାନାସୀ ଫାଇନାଲରେ

ଖଣ୍ଡପଡ଼ା, ୨୬/୦୨ (ଆ.ପ୍ର) : ଖଣ୍ଡପଡା ସହରର ମଧୁକନ ମିନି ଷ୍ଟାଡିୟମ ପରିସରରେ ଖଣ୍ଡପଡ଼ା ସ୍ପୋର୍ଟସ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ୭ମ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ମେମୋରିଆଲ କପ୍ ଫୁଟବଲ ଟୁର୍ଣ୍ଣାମେଂଟର ଗୁରୁବାର ଅନୁଷ୍ଠିତ ପ୍ରଥମ ସେମି ଫାଇନାଲ ମ୍ୟାଚରେ ବିଡାନାସୀ ଫୁଟବଲ ଏକାଡେମୀ ୫-୩ ଟ୍ରାଇବ୍ରେକର ଗୋଲରେ ବାଉଲୀ କୁଡ଼ ଜଟକକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିବା ଜଣାଯାଇଛି । ଖଣ୍ଡପଡ଼ା ବିଧାୟକ ଜଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ନୟାଗଡ଼ ଜିଲ୍ଲା ମୁଖ୍ୟ ଜନ୍ୟୟନ ଅଧିକାରୀ ଲଗୁଡିତ ରାଉତ, ଉପ ଜିଲ୍ଲାପାଳ କର୍ଣ୍ଣଧରେ ସମାଦାର, ଖଣ୍ଡପଡ଼ା ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ମୁଖ୍ୟରେ ରେଫରୀ ଭାବେ ବରିଷ୍ଠ କ୍ରୀଡାବିତ ରାଜୁ ମହାନ୍ତି ମ୍ୟାଚକୁ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସହାୟତା କରିଥିଲେ ପ୍ରସନ୍ନ ନାୟକ ଓ ରମେଶ ପାଇକରାୟ । ଚତୁର୍ଥ ରେଫରୀ ଭାବେ କ୍ରୀଡା ଶିକ୍ଷକ ସମୀର କୁମାର ଖୁଣ୍ଟିଆ ଦାୟିତ୍ୱ ତୁଲାଇଥିଲେ । ଆସନ୍ତାକାଲି ଶୁକ୍ରବାର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ପପୁଲାର କ୍ଲବ ଚେଙ୍କାନାଳ ଓ ଫ୍ରେଣ୍ଡସ ପାରାଡାଇଜ କ୍ଲବ ଜଟଣୀ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସ୍ପୋର୍ଟସ ଆସୋସିଏସନ୍ ମୁଖ୍ୟ ତଥା ବରିଷ୍ଠ କ୍ରୀଡାବିତ ଭିକାରୀ ଖଣ୍ଡାୟତଙ୍କ ଠାରୁ ପ୍ରକାଶ ।

ଜଂଟର ନେସନାଲ ଡାଏସପୋରା ଫାଉଣ୍ଡେସନର ଆଂଚଳିକ ନିର୍ଦ୍ଦେଶକ ହେଲେ ଡ.ଭବାନୀଶଙ୍କର ନିଆଲ

ଭବାନୀପାଟଣା, ୨୬/୦୨ (ଆ.ପ୍ର) : ଅନ୍ତର୍ଜାତୀୟ ଖ୍ୟାତନାମା ସଂଗଠନ ଜଂଟର ନେସନାଲ ଡାଏସପୋରା ଫାଉଣ୍ଡେସନର ଆଂଚଳିକ ନିର୍ଦ୍ଦେଶକ ଭାବେ ନିଯୁକ୍ତି ପାଇଛନ୍ତି କଳାକ୍ଷେତ୍ରର ବିଶିଷ୍ଟ କବି, ଲେଖକ ଓ ସାମାଜିକ କର୍ମୀ ଡ. ଭବାନୀଶଙ୍କର ନିଆଲ । ଆମେରିକାର କେଣ୍ଟିକୋ ସହରରେ ଥିବା ଏହି ସଂଗଠନ ପ୍ରବାସୀ ସମୁଦାୟଙ୍କୁ ସହାୟତା ଓ ସ୍ଥାୟୀ ବିକାଶ ଉପରେ ଧ୍ୟାନ ଦେଇଥାଏ । ସ୍ଥାୟୀ ବିକାଶର ଲକ୍ଷ୍ୟ ନେଇ କାର୍ଯ୍ୟ କରୁଥିବା ଏହି ସଂଗଠନ ଉପଲବ୍ଧ ବିଭିନ୍ନ ସୂଚନାକୁ ଗୁରୁତ୍ୱ ଦେଇ ବାଲିଘୁଡ଼ି ବୁଲାଇଗଣ, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଏକ ମାର୍ଗଦର୍ଶକ ଭାବେ କାର୍ଯ୍ୟ କରିଥାଏ । ଭାରତରେ ସ୍ଥାୟୀ ବିକାଶ ଲକ୍ଷ୍ୟର ଗୁରୁତ୍ୱ ସର୍ବଦା ରହି ଆସିଥିବାବେଳେ ଭାରତରେ ଏ ଦିଗରେ ଆବଶ୍ୟକ ଦାୟିତ୍ୱ ନିର୍ବାହ କରିବାକୁ ଡ. ନିଆଲଙ୍କୁ ଆଂଚଳିକ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଥିବା ସଂଗଠନ ଗୁରୁତ୍ୱ ଜଣାପଡିଛି । ସେହିପରି ଡ. ନିଆଲଙ୍କ ନିଯୁକ୍ତିକୁ ନେଇ ସୂଚନା ଦେବା ସହିତ ଏକ ବୈଶ୍ୱିକ ଦୃଷ୍ଟିକୋଣର ଉନ୍ମୋଚନ ହୋଇପାରିବ ବୋଲି ସଂଗଠନର ସଭାପତି ଡ. ଆର୍ଚେନ ତାଡସାଙ୍କେ ସୂଚନା ଦେଇଛନ୍ତି । ଡ. ନିଆଲ ଗତ ବୁଧ ଦଶହରି ଦେଖା ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ସ୍ଥାୟୀ ବିକାଶର ଲକ୍ଷ୍ୟ ହାସଲ ଦିଗରେ ଅନବରତ କାର୍ଯ୍ୟ କରିବା ସହିତ ବିଭିନ୍ନ ଗଣ ଆନ୍ଦୋଳନର ନେତୃତ୍ୱ ନେଇସାରିଛନ୍ତି ।

ଶିଶୁ ସୁରକ୍ଷାକୁ ସୁଦୃଢ଼ ପାଇଁ ଦୁଇଦିନିଆ କର୍ମଶାଳା

ଭଦ୍ରକ, ୨୬/୦୨ (ଆ.ପ୍ର) : ଜିଲ୍ଲା ପୋଲିସ ସଭାଗୃହ ପରିସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଦୁଇ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଉତ୍କଳପାଟନ ବିଦ୍ୟରେ ଶିଶୁ ମଙ୍ଗଳ କମିଟିର ସଦସ୍ୟ ପ୍ରଦୀପ୍ତ କରଙ୍କ ପୌରୋହିତ୍ୟ ରେ ମିଶନ ବାତ୍ସଲ୍ୟ ଅନ୍ତର୍ଗତ ଅଣ-ଆନୁଷ୍ଠାନିକ ଯତ୍ନ ସେବା ମାଧ୍ୟମରେ ଶିଶୁଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରିବା ଓ ବଣ୍ଡନା, କୌଶଳ ମାଧ୍ୟମରେ ଶିଶୁଙ୍କୁ ଆତ୍ମନିର୍ଭରଶୀଳ ଓ ସ୍ୱାବଲମ୍ବୀ କରିବା ପାଇଁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ରୂପେ ଆରମ୍ଭୀ ଅଧ୍ୟକ୍ଷ ମନୋଜ ରାଉତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସମିତ କୁମାର ମାଝୀ, ଜିଲ୍ଲା କର୍ମ ନିୟୋଜନ ଅଧିକାରିଣୀ ଅନିତା ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଜନ ଶିକ୍ଷଣ ସଂସ୍ଥାନର କାର୍ଯ୍ୟକ୍ରମ ମ୍ୟାନେଜର ମିଲୁ ମହାନ୍ତି, ରତନ ସାହୁ ପ୍ରମୁଖ ଯୋଗଦେଇଥିଲେ । ଶିଶୁ ସୁରକ୍ଷା ୟୁନିଟର ବରିଷ୍ଠ ଆଇନ୍ ଅଧିକାରୀ ସୁଚରିତ ଦାସ ଦୁଇ ଦିନ ବ୍ୟାପୀ କର୍ମଶାଳାର ଆଭିମୁଖ୍ୟ ଓ ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ନିଜ କଳ୍ପବାରେ ଶିଶୁଙ୍କୁ ସୁଚର ସଂସ୍କାର ପରିବାରରୁ ମିଳିଲେ ସେ ସମାଜରେ ଜଡମ ବ୍ୟବହାର ପ୍ରଦର୍ଶନ କରିବ ବୋଲି ଉଲ୍ଲେଖ କରିଥିଲେ । ସମସ୍ତ ଥାନାର କାର୍ଯ୍ୟରତ ଶିଶୁ ମଙ୍ଗଳ ପୋଲିସ ଅଧିକାରୀ, ହିତାଧାକାରୀ ଶିଶୁ ଓ ଅଭିଭାବକ, ସଖୀ ସେଂଟରର ପ୍ରଶାସିକା ସୁଷ୍ମାଞ୍ଜଳି ବେହେରା, ଶକ୍ତି କେନ୍ଦ୍ରର ପରିଚାଳିକା, ଯୋଗମାୟା ଚାନ୍ଦ,ପରିବାର ପରାମର୍ଶ କେନ୍ଦ୍ରର କର୍ମଚାରୀ, ଚାଇଲ୍ଡ ହେଲ୍ପ ଲାଇନର କର୍ମଚାରୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଶିଶୁ ସୁରକ୍ଷା ୟୁନିଟର ସୁରକ୍ଷା ଅଧିକାରୀ (ଅଣ-ଆନୁଷ୍ଠାନିକ) ସ୍ୱାଗତିକା ବାରିକ, କୁଳଦୀପ କେନା, ଦମୟନ୍ତୀ ଦାଶ ସମେତ ଚାଇଲ୍ଡ ଲାଇନର ଟିମ୍ ସଦସ୍ୟ ଚନ୍ଦ୍ରକାନ୍ତ ଗୋଲାୟତ, କାହ୍ନୁ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପରିଶେଷରେ ଆଇନ୍ ଅଧିକାରୀ ଶ୍ରୀ ଦାସଙ୍କ ଦ୍ୱାରା ସମ୍ମାଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

କଳିଙ୍ଗା ବି ଇଡି କଲେଜରେ ଓଡ଼ିଆ ଭାଷା ସମ୍ମାନ ଅନୁଷ୍ଠିତ

ଜି.ଉଦୟଗିରି, ୨୬/୦୨ (ଆ.ପ୍ର) : କଳିଙ୍ଗା ସ୍ଥିତ ବି.ଇଡି କଲେଜରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ପ୍ରାୟୋଜିତ ସଂସ୍କୃତି, ପରମ୍ପରା ଓ ସାହିତ୍ୟ ବିଷୟ ଆଧାର କରି ଓଡ଼ିଆ ଭାଷା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ପ୍ରତିଷ୍ଠାନର ସ୍ତବକ କାର୍ଯ୍ୟରତ ଅଧିକାରୀ ଡ. ସିଦ୍ଧର୍ଥ ଶଙ୍କର ପାତ୍ର୍ରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଡ. ଲମ୍ବୋଦର ପାଣିଗ୍ରାହୀ ଅବସର ପ୍ରାପ୍ତ ଅଧ୍ୟାପକ ମୁଖ୍ୟ ବକ୍ତା, କଳିଙ୍ଗ ମହାବିଦ୍ୟାଳୟ ଅଧ୍ୟାପକ ଡ. ନଳିନୀ କୁମାର ପାଣିଗ୍ରାହୀ ଏବଂ ଡ.ବନମାଳୀ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଭାରତୀୟ ଓ ଓଡ଼ିଆ ସଂସ୍କୃତିର ମହାନ ଅନୁଭବକୁ ପରିପ୍ରକାଶ କରିଥିଲେ । ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ବୀରେନ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ । ଓଡ଼ିଆ ଭାଷା ପ୍ରତିଷ୍ଠାନ ଆନୁକୂଲ୍ୟରେ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଶିକ୍ଷକ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ସଭାକୁ ଅନୁଷ୍ଠାନର ଅସିଷ୍ଟେଣ୍ଟ ପ୍ରଫେସର ବିକ୍ରମ କୁମାର ପ୍ରଧାନ ପରିଚାଳନା କରିଥିଲେ । ଅନୁଷ୍ଠାନର ସମସ୍ତ ପ୍ରାଧ୍ୟାପକ ଓ ଛାତ୍ର ଛାତ୍ରୀ ସହଯୋଗ କରିଥିଲେ ।

ଏସସିବିକୁ ଶରୀର ଦାନ

କଟକ, ୨୬/୦୨ (ଆ.ପ୍ର) : ଗତ ସଂଧାରେ ୮୭ ବର୍ଷର ଶରୀର ବାଡା ଶ୍ରୀମତୀ ଜନିତ ତିରୋଧାନ ହେବାରୁ ଲଛପତ୍ର ଅନୁସାରେ ଶ୍ରୀରାମ ମହାବିଦ୍ୟାଳୟର ଶରୀର ତତ୍ତ୍ୱ ବିଭାଗକୁ ପ୍ରଦାନ କରା ଯାଇଛି । ତାଙ୍କ ପାଳିତା କନ୍ୟା ଶ୍ରୀମତୀ ଝରଣା ସିଂ, ଜ୍ୱାଇଁ କ୍ୟାପଟେନ ସଂସ୍କାର ସିଂଙ୍କ ସହ କଳ୍ପନା ସ୍ୱାଇଁ, ମାନସୀ ଲେଙ୍କା, ଅଭୟ ଲେଙ୍କା ଓ ଭାସ୍କର ନାୟକ ପ୍ରମୁଖ ଶରୀର ହସ୍ତାନ୍ତର କରିଥିଲେ । ଭାରତ ଶରୀର ଓ ଅଙ୍ଗଦାନ ସମିତି ସଭାପତି ଡ. ପ୍ରଭାସ ଆଚାର୍ଯ୍ୟ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶରୀର ଦାନ ବ୍ୟବସ୍ଥା କରିଥିଲେ । ଏହି ଶରୀର ଡାକ୍ତରୀ ଛାତ୍ରଙ୍କ ଶିକ୍ଷା ଓ ଗବେଷଣାରେ ବ୍ୟବହୃତ ହେବ ।

ବାଡିରୁ ମାଟି ତାଡିନେବା ବେଳେ ବାରଣ କରିବାରୁ ମହିଳାଙ୍କୁ ନିଧୁମ ମାଡ

ବାଲିଆପାଳ, ୨୬/୦୨ (ଆ.ପ୍ର) : ବାଲିଆପାଳ ବ୍ଲକ ଜାମନ୍ତୁଣ୍ଡା ଂଚାୟତର କୁଲ୍ଲାଡତ ଗ୍ରାମରେ ଅବଦୁଲ ଲତିଫ୍ ଖାଁ ଏବଂ ବାପା ଅବଦୁଲ ଅଦିଲ ଖାଁ ବାହାରୁ ଜାମରେ ଯାଇଥିବା ବେଳେ ବୁଧବାର ସକାଳେ ତାଙ୍କ ନିଜ ବାଡିରୁ ପୋଡଶୀ ଫିରୋଜ ଖାଁ ଜେସିବି ଜଲାଇ ମାଟି ତାଡି ନେଉଥିବା ସମୟରେ ଛତିଫଙ୍କର ମାଆ ବଳିଯ ବଦି କାରଣ କରିବାରୁ ଫିରୋଜ ଖାଁ,ଜମିଦ ଖାଁ, ଟୁଟୁ ଖାଁ ଏକତ୍ରିତ ହୋଇ ଗୋଇଠା ଓ ଡେଙ୍ଗା ରେ ପିଟି ବୋହୋସ କରି ଜୀବନ ରୁ ମାରିଦେବା ପାଇଁ ଉদ্যম କରିଥିଲେ । ପରେ ବନିଯାଙ୍କ ବୋହୂ ଜାଣି ପାରି ୧୦୮ କୁ ଫୋନ୍ କରି ପ୍ରଥମ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ,ଅବସ୍ଥା ଗୁରୁତର ହେବାରୁ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି । ବିନା କାରଣରେ ଗୁରୁଷ୍ଠ ଲୋକେ ଗଳେ ଥିବା ସମୟରେ ତାଙ୍କ ବୃଦ୍ଧ ମାଙ୍କୁ ମାଡ଼ ମାରିଥିବା ବ୍ୟକ୍ତି ମାନଙ୍କ ବିରୋଧରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ପାଇଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ପୁଅ ।

ଆର୍ଥିକ ଠକେଇ କାରବାରର ପର୍ଦ୍ଦାଫାଶ କରିଛି ଯାଜପୁର ପୋଲିସ

ଯାଜପୁର, ୨୬/୦୨ (ଆ.ପ୍ର) : ରାଜ୍ୟ ତଥା ଜିଲ୍ଲାରେ ପ୍ରାୟ ୭୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଠକେଇ କାରବାରର ପର୍ଦ୍ଦାଫାଶ କରିଛି ଯାଜପୁର ପୋଲିସ । ଏହି ଠକେଇ ମାମଲାରେ ଆଜି ଯାଜପୁର ପୋଲିସ ମଜେଇପୁର ଅଂଚଳର ଦେବାଶିଷ ରାଉତ(୨୮ ବର୍ଷ), ବାପା ବିରେନ୍ଦ୍ର ରାଉତ, ଗ୍ରାମ - ମଜେଇପୁର, ଥାନା ଜିଲ୍ଲା - ଯାଜପୁର । ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଏକ ଅବୈଧ କ୍ରିପ୍ଟୋ-ମାଇନିଂ/କ୍ରିପ୍ଟୋ-କ୍ୟାଳିଙ୍ଗ ଚକ୍ର ଚଳାଉଥିଲେ ଏବଂ କୌଣସି ବୈଧ ଆୟ ସ୍ରୋତ ବିନା ବ୍ୟାପକ ଠକେଇ ମୂଳକ ଆର୍ଥିକ ଲେନଦେନରେ ଜଡିତ ଥିଲେ । ସୂଚନା ଯୋଗ୍ୟ ଯେ ଗତ ୧୫ତାରିଖରୁ ୨୭ତାରିଖ ପର୍ଯ୍ୟନ୍ତ ଓଡିଶା ପୋଲିସ ଦ୍ୱାରା ଡିଜିଟାଲ ନେତୃତ୍ୱରେ ଚାଲିଥିବା ସାଇବର କବଚ ଅଭିଯାନରେ ଯାଜପୁର ପୋଲିସ ୨୫ଟି ମ୍ୟୁଲ୍ ଆକାଉଣ୍ଟ ମାମଲା ରେଜିଷ୍ଟର କରିଥିଲେ ଓ ଅନେକ ଜୁଡିଏ ବ୍ୟାଙ୍କ ଖାତାରୁ ୭୫ଲକ୍ଷ ଟଙ୍କାରୁ ଅଧିକ ରାଶି ଜବତ କରିଥିଲେ । ଏଥିରେ ସାଇବର ଠକେଇ ଓ ମନି ଲଣ୍ଡରିଂ ସମ୍ପର୍କିତ ଏକ ମାମଲା ଚିହ୍ନଟ ହୋଇଥିବା ଅଭିଯୁକ୍ତ ଦେବାଶିଷ ନିଜକୁ ଓଡିଶା ସରକାରର ଆର୍ ଆଣ୍ଡ ଡି ବିଭାଗର "Technical Assistant" ବୋଲି ମିଥ୍ୟା ପରିଚୟ ଦେଇ ଜଳଶି ଓ ଜାଲି ନିଯୁକ୍ତି ପତ୍ର ବ୍ୟବହାର କରି ନିର୍ଦ୍ଦୋଷ ଲୋକମାନଙ୍କୁ ଠକୁଥିଲେ । ତଲାଶି ସମୟରେ ଦୁଇଟି ଲ୍ୟାପଟପ୍, ହାର୍ଡ ଡିସ୍କ, ନେଟୱାର୍କିଂ ଡିଭାଇସ୍ ଓ କ୍ରିପ୍ଟୋକରେନ୍ସି ମାଇନିଂ ସମ୍ପର୍କିତ ଉପକରଣ ସହ ୨୧ଟି ଡେବିଟ୍ ଓ କ୍ରେଡିଟ୍ କାର୍ଡ ଏକ ମିଥ୍ୟା ନିଯୁକ୍ତି ପତ୍ର ସହ ଗୋଟିଏ ମହିନ୍ଦ୍ରା କଟେ ୭୦୦, ପଲ୍ସର ୧୮୦ ଓ ଜେଡିଏମ୍ ବାଇକ୍ ଜବତ ହୋଇଛି । ଏହି ମାମଲାଟି ବିହାର ଓ ଝାଡଖଣ୍ଡର ଗଠିତ ଠକେଇ ଚକ୍ର ସହ ସଂଯୋଗ ଥିବା ସାମାଜିକ ସଶିକ୍ଷନମାରେ ଯାଜପୁର ଏସପି ୟସ ପ୍ରତାପ ଶ୍ରୀମାଲ ସୂଚନା ଦେଇଛନ୍ତି । ଏହି ସାମାଜିକ ସଶିକ୍ଷନମାରେ ଯାଜପୁର ଏସଡିପିଓ ପ୍ରଶାନ୍ତ କୁମାର ମାଝୀ, ଯାଜପୁର ଥାନା ଅଧିକାରୀ ଶରତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ବାରମ୍ବାର ଅବକାରୀ ଚଢ଼ାଉ ଚୋରା ମଦ ବେପାରୀ ମଧ୍ୟରେ ଆତଙ୍କ

ଟାଙ୍ଗୀ ଚୌଦ୍ୱାର, ୨୬/୦୨ (ଆ.ପ୍ର) : ଅବକାରୀ ସୁପ୍ରେଣ୍ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶରେ ଚୌଦ୍ୱାର ଅବକାରୀ ଥାନା ତରଫରୁ ଚୌଦ୍ୱାର ନୁଆସାହି, ଗୋବିନ୍ଦପୁର ଓ ଟାଙ୍ଗୀ କୋଟସାହି ଆଦି ବିଭିନ୍ନ ଅଂଚଳରେ ଚଢ଼ାଉ କରିଛି । ଏହି ଚଢ଼ାଉରେ ହାତରୁଆ ଦେଶୀ ମହୁଲି ମଦ ବିଫୁଳ ପରିମାଣର ଜବତ କରିଛି । ଏହି ଚଢ଼ାଉରେ ୧୨୦ ଲିଟର ଦେଶୀ ମହୁଲି ମଦ ସହିତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଇନ୍‌ସପେକ୍ଟର କହିଛନ୍ତି । ଏହି ଚଢ଼ାଉରେ ଇନ୍‌ସପେକ୍ଟର ମାନସୀ ନାୟକ, ଚୌଦ୍ୱାର ଅବକାରୀ ଥାନାର ଜାନସେକଟର ଭକ୍ତ କବିନ ବର୍ମା, ଆଣ୍ଟୁଟୋଷ ଜେନା, ରାଜକୃଷ୍ଣ ବିଶ୍ୱାଳ, ସୁନିଲ ବଲ, ଲକ୍ଷ୍ମଣ, ଗୀତାଞ୍ଜଳି ବେହେରା ସବୁ ସାମିଲ ରହିଥିଲେ । ଏମାନଙ୍କ ବିରୁଦ୍ଧରେ ଅବକାରୀ ମାମଲା ରୁଜୁ କରାଯାଇ ଅଛି । ଆସାମୀ ମାନଙ୍କର ନାମ ଯଥା କ୍ରମେ ଚୌଦ୍ୱାର ନୁଆସାହିର ବୁଦ୍ଧିଆ ପ୍ରଧାନ ଟାଙ୍ଗୀ କୋଟସାହିର ଭରତ ବରାଳ, ଗୋବିନ୍ଦପୁର ଗୋକୁଳ ପୁର ଗ୍ରାମର ଶରତ ଚନ୍ଦ୍ର ସାହୁ ।

ସଡ଼କ ସୁରକ୍ଷା କମିଟିର ୪୮ତମ ବୈଠକ

ଆଲୋକୀକରଣ, ବେଆଇନ ପାର୍କିଂ ଓ ରାସ୍ତା ନିର୍ମାଣ ଉପରେ ଗୁରୁତ୍ୱ

ଭଦ୍ରକ, ୨୬/୦୨ (ଆ.ପ୍ର) : ଜିଲାପାଳଙ୍କ କାର୍ଯ୍ୟାଳୟ ର ସଭାକକ୍ଷରେ ସଡ଼କ ସୁରକ୍ଷା କମିଟି ବୈଠକ ହୋଇଯାଇଛି । ଜିଲାପାଳ ବିଲ୍ୱପ ରାଉତରୋଏଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅନୁପ ଅଭିଷେକ ବେହେରା, ଜିଲ୍ଲା ଆଂଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ,ସହ ପରିବହନ ଅଧିକାରୀ ଶ୍ରୀକାନ୍ତ ଦାସ, ପୂର୍ତ୍ତ ବିଭାଗ ଅଧିକ୍ଷିଣ ଯନ୍ତ୍ରୀ ଦେବି ପ୍ରସନ୍ନ ଘୋଷ, ସଦ୍ୟ ଗୋ ଅତିସ ବେହେରା, ଶ୍ରୀନିବାସ ପତି,ସଦ୍ୟ ସାମ୍ବାଦିକ ରବିନାରାୟଣ ଖୁଣ୍ଟିଆ, ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ଜିଲ୍ଲା ମୁଖ୍ୟ ବିକିତ୍ସାଧିକାରୀ ପ୍ରମୋଦ ପୁହରାଜ, ସୂଚନା ଉପଖଣ୍ଡ ଅଧିକାରୀ ମଧୁସୂଦନ ମହାପାତ୍ର, ବିଭାଗୀୟ ଅଧିକାରୀ ସେକ ରହିମ ପ୍ରମୁଖ ଯୋଗଦେଇ ସଡ଼କ ସୁରକ୍ଷା ନେଇ ମତ ରଖିଥିଲେ ମୁଖ୍ୟକାରୀ ଶ୍ରୀକାନ୍ତ ଦାସ, ସଦ୍ୟ ଜାରା ରୋଗରିଆନ ଅତିସ ବେହେରା, ବସ ଲବା ସିଡିକେଟ ସଭାପତି ଶ୍ରୀନିବାସ ପତି, ସଦ୍ୟ ସାମ୍ବାଦିକ ରବିନାରାୟଣ ଖୁଣ୍ଟିଆ, ପୂର୍ତ୍ତ ଥିବା ଅଧୀକ୍ଷଣ ଯନ୍ତ୍ରୀ ଦେବୀପ୍ରସନ୍ନ ଘୋଷ , ରାସ୍ତା ଓ ଗ୍ରାମ୍ୟ ଜର୍ଣ୍ଣାଳ ବିଭାଗ ର ଅଧୀକ୍ଷଣ ଯନ୍ତ୍ରୀ ଗଣେଶ ହେମ୍ପ୍ରମ ପ୍ରମୁଖ ଯୋଗଦେଇଥିଲେ । ବୈଠକରେ ଦୁର୍ଘଟଣାର କ କାରଣ ଓ ଏହାର ନିରାକରଣ ଦିଗରେ ଜଣସବୁ ପଦକ୍ଷେପ ନିଆଯାଇପାରିବ, ସେମେଳ ତାର ଆଲୋଚନା ହୋଇଥିଲା । ଜାତୀୟ ରାଜପଥ ରେ ଲାଗାଯାଇ ଚକା ଚଳ ରାସ୍ତାର ଦୁରାବସ୍ଥା ଓ ଦୁର୍ଘଟଣାର ଅନ୍ୟତମ କାରଣ ବୋଲି ସଦ୍ୟ ଶ୍ରୀ ବେହେରା କହିଥିଲେ । ଏହି କ୍ରମରେ ୧୬ ନଂ ଜାତୀୟ ରାଜପଥର ଭଦ୍ରକରୁ -ଶିଶୁପୁରରୁ ଭଣ୍ଡାରିପୋଖରୀ ରାସ୍ତାର ଜବର ଦଖଲ ଉଚ୍ଛେଦର କାରଣ ଖୁଣ୍ଟି ରେ ଜିଲ୍ଲାପାଳ ତୁରନ୍ତ ତଦନ୍ତ କରିବାକୁ ତହସିଲଦାରଙ୍କ ସହିତ ଆଂଚଳିକ ପରିବହନ ଅଧିକାରୀ ଓ ଜାତୀୟ ରାଜପଥ ବିଭାଗ କୁ ଦାୟିତ୍ୱ ଦେଇଥିଲେ । ଏଥିସହିତ ଆରଟିଓ ଅଫିସକୁ ରାସ୍ତା ନିର୍ମାଣ, ଡାହାଣି ପଡ଼ି ଆରୁ ନୂଆ ବସଷ୍ଟାଣ୍ଡ,ଜିଲ୍ଲାର ଜାତୀୟ ରାଜପଥରେ ଆଲୋକୀକରଣ, ଫଳକ ଲଗାଇବା, ବେଆଇନ ଭାବେ ବିନା ହେଲମେଟ, କାଗଜପତ୍ର ନଥାଇ ଚାଲୁଥିବା ଗାଡ଼ିରୁ ଜୋରିମାନା ଆଦାୟ କରାକରି କରିବାକୁ ପ୍ରସ୍ତାବ ଦେଇଥିଲେ । ଆସନ୍ତା ୭ ଦିନ ଭିତରେ ଜାତୀୟ ରାଜପଥରେ ଆଲୋକୀକରଣ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ ଜାତୀୟ ରାଜପଥ ବିଭାଗ କର୍ତ୍ତୃପକ୍ଷ । ଆଗକୁ ବର୍ଷା ଦିନ ଆସୁଥିବାରୁ ମହତାବ ଛବରୁ ଆରମ୍ଭି ଛକ ପର୍ଯ୍ୟନ୍ତ ବର୍ଷା ଜଳ ନିଷ୍କାସନ ନହେବାରୁ ସମ୍ମାନାନେ ଖୋର ପ୍ରକାଶ କରିଥିଲେ ତୁରନ୍ତ ଅତିପ୍ରତି ଦୃଷ୍ଟି ଦେବାକୁ ସଦ୍ୟ ମାନେ କହିଥିଲେ । ହେଲମେଟ ନପଛିଥିବା, ମୋବାଇଲ ଧରି ଗାଡି

ଦୈନିକ
ଆରମ୍ଭ
SEITHO ARAMBHA
ଶୁକ୍ରବାର, ୨୭ ଫେବୃୟାରୀ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ଜିମ୍ବାୱେକୁ ୭୨ ରନରେ ହରାଇଲା ଟିମ୍ ଇଣ୍ଡିଆ

ଚେନ୍ନାଇ, ୨୬/୨ (ନ୍ୟୁ.ଏ): ସୁପର-୮ରେ ସୁପର ବିଜୟ । ଜିମ୍ବାୱେକୁ ୭୨ ରନରେ ହରାଇଲା ଭାରତ । ଭାରତ ୨୫୬ ରନର ବିଜୟ ଲକ୍ଷ୍ୟ ଦେଇଥିବାବେଳେ ରନର କରିବାରେ ସମ୍ମନ ହୋଇଛି ଜିମ୍ବାୱେ । ଭାରତ ପକ୍ଷରୁ ଅର୍ଶଦୀପ ୩ ୱିକେଟ୍ ଅଭିଷେକ କରିଥିବାବେଳେ ବରୁଣ ଚକ୍ରବର୍ତ୍ତୀ, ଅକ୍ଷର ପଟେଲ ଏବଂ ଶିଭମ ଦୁବେ ଗୋଟିଏ ଲେଖାଏଁ ୱିକେଟ ଅଭିଷେକ କରିଛନ୍ତି । ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା ଜିମ୍ବାୱେ । ଭାରତ ପ୍ରଥମେ ବ୍ୟାଟିଂ କରି ଏକ ବିଶାଳ ସ୍କୋର କରିଥିଲା । ୪ ୱିକେଟ୍ ବିନିମୟରେ ଭାରତ ୨୫୬ ରନ କରିଥିଲା । ସାମସନ ୧୫ ବଲରୁ ୨୪ ରନ କରିଥିବାବେଳେ ଅଭିଷେକ ଶର୍ମା ୫୫ ରନ କରିଛନ୍ତି । ପରେ ଇଶାନ କିଷନ ୩୮ ଏବଂ ସୂର୍ଯ୍ୟକୁମାର ଯାଦବ ୩୩ ରନ କରିଥିଲେ । ଏହାସହ ଇଶାନ କିଷନ ୩୮, ସୂର୍ଯ୍ୟକୁମାର ଯାଦବ ୩୩, ପାଣ୍ଡ୍ୟା ୫୦ ରନ ଏବଂ ତିଳକ ବର୍ମା ୪୪ ରନ କରିଥିଲେ । ସମସ୍ତ ଭାରତୀୟ ବ୍ୟାଟ୍ସମ୍ୟାନ ଆଜିର ମ୍ୟାଚରେ ଆସୁ ଆସୁ ବଡ଼ ବଡ଼ ସଟ ଖେଳିଥିଲେ । ଏହାସହ ବିଶାଳ ସ୍କୋର କରିବାରେ ସମ୍ମନ ହୋଇଛନ୍ତି । ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍ ହାରିବା ପରେ ଆଜି ଦୁଇଟି ପରିବର୍ତ୍ତନ ସହ ମୈଦାନକୁ ଓହ୍ଲାଇଛି ଟିମ ଇଣ୍ଡିଆ । ଦଳ ପାଇଁ ଆଜି ଇନିଂସ ଆରମ୍ଭ କରିଥିଲେ ସଞ୍ଜୁ ସାମସନ ଓ ଅଭିଷେକ ଶର୍ମା । ସାମସନ ଛକା ମାରି ଖାତା ଖୋଲିଥିବା ବେଳେ ଅଭିଷେକ ଶର୍ମା ଦେଶ ସତର୍ଜତାର ସହ ବ୍ୟାଟିଂ କରିଥିଲେ । ବଡ଼ବଡ଼ ଶଟ ଖେଳିବାକୁ ଯାଇ ବଳୀୟ ସ୍କୋର ୪୮ ଥିବା ବେଳେ ପ୍ରଥମ ବ୍ୟାଟର ସିଜିରର ରଜାଙ୍କୁ ଗୋଟିଏ ଛକା ଓ ଚୌକା ମାରିଥିଲେ । କିନ୍ତୁ ପରବର୍ତ୍ତୀ ବଲରେ ସେ ଆଉଟ ହୋଇଯାଇଥିଲେ । ଜିଶନ ଆଜି ୨୪ ବଲରେ ୩୮ ରନର ଇନିଂସ ଖେଳିଛନ୍ତି । ୪ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ଆଜି ଅଳସୁ ଲୟରେ ଥିଲେ । ସେ ଚୌକା ମାରି ଖାତା ଖୋଲିବା ସହ ଜ୍ରୁମାଗତ ବଡ଼ ଶଟ ଖେଳିଥିଲେ । ଏସବୁ ଭିତରେ ରନ ଯୋଡ଼ିଥିଲେ । ଅଭିଷେକ ଶର୍ମା ମଧ୍ୟ ୧୦.୧ ଓଭରରେ ନିଜର ଅର୍ଦ୍ଧଶତକ ସାପ୍ତକ କରିଥିଲେ । ୨୬ ବଲରେ ବଲରେ ସେ ଚଳିତ ବିଶ୍ୱକପରେ ନିଜର ପ୍ରଥମ ଅର୍ଦ୍ଧଶତକ ହାସଲ କରିବା ପରେ ଗିୟର ବଦଳାଇଥିଲେ । ଇଶାନ ମଧ୍ୟ ୧୧ତମ ଓଭର ଗୋଳି କରୁଥିବା ସିକନ୍ଦର ରଜାଙ୍କୁ ଗୋଟିଏ ଛକା ଓ ଚୌକା ମାରିଥିଲେ । କିନ୍ତୁ ପରବର୍ତ୍ତୀ ବଲରେ ସେ ଆଉଟ ହୋଇଯାଇଥିଲେ । ଜିଶନ ଆଜି ୨୪ ବଲରେ ୩୮ ରନର ଇନିଂସ ଖେଳିଛନ୍ତି । ୪ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ଆଜି ଅଳସୁ ଲୟରେ ଥିଲେ । ସେ ଚୌକା ମାରି ଖାତା ଖୋଲିବା ସହ ଜ୍ରୁମାଗତ ବଡ଼ ଶଟ ଖେଳିଥିଲେ । ଏସବୁ ଭିତରେ ଅଭିଷେକ ଶର୍ମା ୧୩ତମ ଓଭରରେ ଆଉଟ ହୋଇ ଯାଇଥିଲେ । ୩ଟ ବଲରେ ୫୫ ରନର ଇନିଂସ ଖେଳିଥିବା ଅଭିଷେକ ଶର୍ମାଙ୍କୁ ଆଉଟ କରିଛନ୍ତି ଟି ମାପୋମା । ଆଉ ଗୋଟିଏ ଓଭର ପରେ ଅଧିନାୟକ ସୂର୍ଯ୍ୟ କୁମାର ମଧ୍ୟ ବଡ଼ ଶଟ ଖେଳିବାକୁ ଯାଇ ଆଉଟ ହୋଇଥିଲେ । ସେ ଆଜି ୧୩ ବଲରେ ୩୩ ରନର ଇନିଂସ ଖେଳିଛନ୍ତି । ସେ ଆଉଟ ହେବା ପରେ ପ୍ରତି ସାଣ୍ଟାଣିଥିଲେ ହାର୍ଦ୍ଦିକ ପାଣ୍ଡ୍ୟା ଓ ତିଳକ ବର୍ମା । ଭଲୟ ବମବାର ବ୍ୟାଟିଂ କରି ବଳୀୟ ସ୍କୋରକୁ ୧୬.୪ ଓଭରରେ ୨୦୦ରେ ପହଂଚାଇଥିଲେ । ପରବର୍ତ୍ତୀ ୨ ବଲ ଡଟ ହେବାରୁ ଭାରତ ୧୭ ଓଭର ସୁଦ୍ଧା ୩ ୱିକେଟ ହରାଇ ୨୦୦ ରନ ହୁଁ କରିଥିଲା । ୧୮ତମ ଓଭର ନେଇ ଆସିଥିବା ମୁଜରବାନିଙ୍କ ପ୍ରଥମ ବଲରେ ପାଣ୍ଡ୍ୟା ଛକା ମାରିଥିଲେ । ତଦିନ ମଧ୍ୟ ତୃତୀୟ ବଲରେ ଚୌକା ଲଗାଇଥିଲେ । ଶେଷ ବଲରେ ସେ ପୁଣି ଗୋଟିଏ ଛକା ମାରିବାରୁ ଏହି ଓଭରରେ ଭାରତକୁ ମୋଟ ୧୯ ରନ ମିଳିଥିଲା । ୧୯ତମ ଓଭରରେ ରିଚାର୍ଡ ନାଗାରାଭା ୨ଟି ଛକା ଓ ଗୋଟିଏ ଚୌକା ସହ ମୋଟ ୨୧ ରନ ଦେଇଥିଲେ । ୧୯ ଓଭର ଶେଷ ସୁଦ୍ଧା ଭାରତ ସ୍କୋର ୨୪୧/୪ରେ ପହଂଚି ଯାଇଥିଲା । ଶେଷ ଓଭର ନେଇ ଆସିଥିଲେ ବ୍ରାଡ ଇଭାନ୍ସ । ତାଙ୍କର ପ୍ରଥମ ବଲରେ ତିଳକ ବର୍ମା ଡଟ ହୋଇଥିବା ବେଳେ ଦ୍ୱିତୀୟ ବଲରେ ୧ ରନ ନେଇଥିଲେ । ତୃତୀୟ ବଲ ସାମ୍ନା କରିବାକୁ ଆସିଥିଲେ ପାଣ୍ଡ୍ୟା । ହେଲେ ସେ ମଧ୍ୟ ତୃତୀୟ ବଲ ଡଟ ହୋଇଥିଲେ । ୪ର୍ଥ ବଲରୁ ମିଳିଥିଲା ୨ ରନ । ୫ ବଲରେ ପାଣ୍ଡ୍ୟା ମାରିଥିଲେ ଛକା । ଏଥିସହ ଭାରତ ସ୍କୋର ୨୫୦ ଛୁଇଁଥିଲା । ଶେଷ ବଲରେ ସେ ଛକା ମାରି ନିଜର ଅର୍ଦ୍ଧଶତକ ମଧ୍ୟ ପୂରଣ କରିଥିଲେ । ପାଣ୍ଡ୍ୟା ୨୩ ବଲରେ ନିଜର ଅର୍ଦ୍ଧଶତକ ହାସଲ କରିଛନ୍ତି । ଆଜି ପାଣ୍ଡ୍ୟା ୪ଟି ଛକା ଓ ୨ଟି ଚୌକା ମାରିଛନ୍ତି । ସେହିପରି ତିଳକ ବର୍ମା ୧୬ ବଲରେ ଅପରାଜିତ ୪୪ ରନର ଇନିଂସ ଖେଳିଛନ୍ତି । ଏହି ଇନିଂସରେ ୩ଟି ଚୌକା ଓ ୪ଟି ଛକା ମାରିଛନ୍ତି ।

ଆଇଏସ୍‌ଏଲ୍‌ରେ ଚର୍ଚ୍ଚିଲ୍ ବ୍ରଦର୍ସକୁ ସାମିଲ କରିବାକୁ ବିରୋଧ

ନୂଆଦିଲ୍ଲୀ, ୨୬/୨ (ନ୍ୟୁ.ଏ): ଭାରତର ପ୍ରମୁଖ ଫୁଟ୍‌ବଲଲିଗ୍ ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍‌ଏଲ୍)ର ଚଳିତ ଋତୁରେ ଗୋଆର ପ୍ରସିଦ୍ଧ ଫୁଟ୍‌ବଲ୍ କ୍ଲବ ଚର୍ଚ୍ଚିଲ୍ ବ୍ରଦର୍ସ ଏଫସିକୁ ସାମିଲ କରିବା ପ୍ରସ୍ତାବ ପୁଣି ଥରେ ଅଟକିଯାଇଛି । ଆଇଏସ୍‌ଏଲ୍‌ର ଫ୍ରାଂଚାଇଜିମାନେ ଏହି ପ୍ରସ୍ତାବକୁ ବିରୋଧ କରିଛନ୍ତି । ସର୍ବ ଭାରତୀୟ ଫୁଟ୍‌ବଲ୍ ମହାସଂଘ (ଏଆଇଏଫଏଫ୍)କୁ ନିଜର ପତ୍ରରେ ସେମାନେ ଦର୍ଶାଇଛନ୍ତି ଯେ ଚଳିତ ଋତୁ ଜାରି ରହିଥିବାବେଳେ ଚର୍ଚ୍ଚିଲ ବ୍ରଦର୍ସକୁ ସାମିଲ କରିବା ପ୍ରତିଯୋଗିତାମୂଳକ ସ୍ୱଚ୍ଛତା ଓ ଯୋଗ୍ୟତା ଭିତ୍ତିକ ଅଂଶଗ୍ରହଣର ବିରୁଦ୍ଧାଚରଣ କରିବ । ପୂର୍ବରୁ ଏ ସଂପର୍କରେ ଆଲୋଚନା ହୋଇଥିଲେ ବି ପୁଣି ଥରେ କେଉଁ ଭିତ୍ତିରେ ଏହି ପ୍ରସଙ୍ଗକୁ ଉଠାଯାଉଛି ତାହା ସ୍ପଷ୍ଟ ହେଉନାହିଁ ବୋଲି ସେମାନେ କହିଛନ୍ତି । ସେମାନେ ସ୍ପଷ୍ଟ କରିଛନ୍ତି ଯେ ଆଇଏସ୍‌ଏଲ୍ ୨୦୨୫-୨୬ର ଲିଗ୍ ଢାଂଚା ନୂଡ଼ାନ୍ତ ହୋଇଯାଇଛି । ଏହି ଭିତ୍ତିରେ ଖେଳ, ଆର୍ଥିକ, ପରିଚାଳନାଗତ ଓ ବୁଦ୍ଧିଗତ ବିଶ୍ୱସ୍ତତ୍ତ୍ୱିକ ନୂଡ଼ାନ୍ତ ହୋଇସାରିଛି । ଏହି ପର୍ଯ୍ୟାୟରେ ଲୌକିସି ପ୍ରସାରର ପରିବର୍ତ୍ତନ ଓ ସଂପ୍ରସାରଣ ଗୁରୁଶୀୟ ନୁହେଁ । ଚର୍ଚ୍ଚିଲ୍ ବ୍ରଦର୍ସକୁ ସାମିଲ୍ କରିବା ପ୍ରସ୍ତାବ ଲୟରେ ଏଆଇଏଫଏଫ୍ ପକ୍ଷରୁ ବୁଧବାର ୧୪ଟି ଫ୍ରାଂଚାଇଜିକୁ ପତ୍ର ଲେଖି ସେମାନଙ୍କ ଅନୁମୋଦନ ମଗାଯାଇଥିଲା । ଏହି ୧୪ଟି ମଧ୍ୟରୁ କେବଳ ଏଫସି ଗୋଆ ଓ ଇଷ୍ଟବେଙ୍ଗ କ୍ଲବ ଦିଲ୍ଲୀ ଏହି ପ୍ରସ୍ତାବକୁ ସମର୍ଥନ କରୁଥିବାବେଳେ ଅନ୍ୟମାନେ ବିରୋଧ କରୁଛନ୍ତି । ତେବେ ଏଫସି ଗୋଆ ଓ ଇଷ୍ଟବେଙ୍ଗ କ୍ଲବ ଦିଲ୍ଲୀ ପୂର୍ବରୁ ସ୍ପଷ୍ଟ କରିଥିଲେ ଯେ ସେମାନେ ସଂଖ୍ୟାଗରିଷ୍ଠ ଫ୍ରାଂଚାଇଜିମାନଙ୍କ ମତକୁ ସମର୍ଥନ କରିବେ ।

ଭାରତ ଜିତିଲା ପ୍ରଥମ ବଧିର କ୍ରିକେଟ୍ ଏସିଆ କପ୍

କଟକ, ୨୬/୨ (ଆ.ପ୍ର) : ଭାରତୀୟ ଦଳ ପ୍ରଥମ ଏସିଆ କପ୍ ବଧିର କ୍ରିକେଟ୍ ପ୍ରତିଯୋଗିତାରେ ବିଜେତା ହେବାର ଗୌରବ ଅର୍ଜନ କରିଛି । ବାଉବାଟୀ ଷ୍ଟାଡିୟମରେ ଆୟୋଜିତ ସଂଘର୍ଷପୂର୍ଣ୍ଣ ଫାଇନାଲରେ ଭାରତ ୬ ୱିକେଟ୍‌ରେ ଶ୍ରୀଲଙ୍କାକୁ ପରାସ୍ତ କରିଛି । ବୁଧବାର ଭାରତ ଟସ୍ ଜିତି ଶ୍ରୀଲଙ୍କାକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ଶ୍ରୀଲଙ୍କା ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୪୪ ରନ କରିଥିଲା । ଦଳ ପକ୍ଷରୁ ଜିମାଲ୍ ମାଲକମ୍ ୬୨, ଆଲାନରୋଜ କଲାଇ୨ ୨୨ ଓ ଗୋୟମ ଶଣକା ୧୮ ରନ୍ କରିଥିଲେ । ଭାରତ ପକ୍ଷରୁ ଯଶୋଦ୍ଧନ ନାଇଡୁ ୩, ସାଇ ଆକାଶ ୨ ଓ ବୀରେନ୍ଦ୍ର ସିଂହ ଗୋଟିଏ ୱିକେଟ୍ ନେଇଥିଲେ । ସମ୍ପୋଷ କେ.ଏମ୍‌ଙ୍କ ୪୩, ସାଇ ଆକାଶଙ୍କ ୨୭ ରନ୍ ସହାୟତାରେ ଭାରତ ଗୋଟିଏ ବଲ୍ ପୂର୍ବରୁ ୪ ୱିକେଟ ହରାଇ ମ୍ୟାଚ୍ ଜିତିଥିଲା । ଭାରତ ପକ୍ଷରୁ ସାଇ ଆକାଶଙ୍କୁ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲା ବେଳେ ଶ୍ରୀଲଙ୍କାର ଜିମାଦୁ ମାଲକମ୍‌ଙ୍କୁ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ସହ ଶ୍ରେଷ୍ଠ ବ୍ୟାଟର, ଜିହାଜ ଲାସିହୁ ଡି'ସିଲଭାଙ୍କୁ ଶ୍ରେଷ୍ଠ ବୋଲର ଭାବେ ପୁରସ୍କୃତ କରାଯାଇଥିଲା । ଉଦଯାପନୀ ଉତ୍ସବରେ କଟକ ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ସିନ୍ଦେ, ପୂର୍ବତନ ଆନ୍ତର୍ଜାତିକ କ୍ରିକେଟର ସଞ୍ଜୟ ରାଜନ, ଏଡିସିଏ ଅଧକ୍ଷ ସୁମିତ ଜୈନ, ଓଡ଼ିଶା ବଧିର କ୍ରିକେଟ୍ ସଂଘ ମୁଖ୍ୟ କାର୍ଯ୍ୟନିର୍ବାହୀ ଶମ୍ଭୁ ମଣ୍ଡଳ, ସଂପ୍ରାବକ ସାଗରକାନ୍ତ ସେନାପତି, ଏନ୍‌ସିସି ଉପମହାନିର୍ଦ୍ଦେଶକ ଲମୋବର ଦିଲ୍ଲୀ ସିଂହ, ଭାରତ ମହଳା ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା, ଆଇନଜୀବୀ ସ୍ୱରୂପ ରଞ୍ଜନ ସିଂହଦାମନ୍ତ, ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଶିବ ନରେସ ସ୍ପୋର୍ଟସ ଫର୍ମାଜର୍ଡ ମୁକେଶ କୁମାର, ବିକ୍ରମ ମହାନ୍ତି, ବ୍ରିଟିଶ ଡେପୁଟି ହାଇକମିସନର ସ୍ୱର୍ଣ୍ଣମୟୀ ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ ।

୧ ଏପ୍ରିଲରୁ, ସାରା ଦେଶରେ ବିକ୍ରି ହେବ କେବଳ ୨୦% ଇଥାନଲ୍ ଯୁକ୍ତ ପେଟ୍ରୋଲ

ନୂଆଦିଲ୍ଲୀ, ୨୬/୨ (ନ୍ୟୁ.ଏ): କେନ୍ଦ୍ର ସରକାର ତେଲ ଏବଂ ଗ୍ୟାସ କମ୍ପାନୀଗୁଡ଼ିକୁ ୧ ଏପ୍ରିଲରୁ ଦେଶର ବିଭିନ୍ନ ପେଟ୍ରୋଲ ପମ୍ପରେ ୨୦ ପ୍ରତିଶତ ଇଥାନଲ୍ ମିଶ୍ରିତ ପେଟ୍ରୋଲ ବିକ୍ରୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ମଣ୍ଡଳାଳୟର ଏକ ବିଜ୍ଞପ୍ତି ଅନୁଯାୟୀ, ତେଲ ମାର୍କେଟିଂ କମ୍ପାନୀଗୁଡ଼ିକୁ ୧ ଏପ୍ରିଲ, ୨୦୨୬ ଠାରୁ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳରେ ୨୦ ପ୍ରତିଶତ ପର୍ଯ୍ୟନ୍ତ ଇଥାନଲ୍ ମିଶ୍ରିତ ପେଟ୍ରୋଲ ବିକ୍ରୟ କରିବାକୁ ପଡ଼ିବ, କିନ୍ତୁ ଏହା ସର୍ବନିମ୍ନ ୯୫ ରିସର୍ଚ୍ଚ ଅକ୍ଟେନ୍ ନମ୍ବର (RON) ପୂରଣ କରିବାର ଆବଶ୍ୟକତା ରହିଛି । ଆଉଓଏନ୍ ଏକ ଲକ୍ଷନର ଦୃଢ଼ତା ମାପ କରେ, ଯାହା ସୂଚାଇଥାଏ ଯେ ଏହା ଜଳିବା ପୂର୍ବରୁ କେତେ କମ୍ପ୍ରେସନ ସହ୍ୟ କରିପାରେ ଏବଂ ଏହାର ଉଚ୍ চ ଗୁଣବତ୍ତା ଇଂଜନ କାର୍ଯ୍ୟଦକ୍ଷତାକୁ ସୂଚିତ କରିଥାଏ । କେନ୍ଦ୍ର ସରକାର ତେଲ କମ୍ପାନୀଗୁଡ଼ିକୁ ଦେଶବ୍ୟାପୀ ପେଟ୍ରୋଲ ପମ୍ପଗୁଡ଼ିକରେ ଭାରତୀୟ ମାନକ ବ୍ୟୁରୋର ନିର୍ଦ୍ଦେଶାବଳୀ ଅନୁଯାୟୀ ୨୦ ପ୍ରତିଶତ ପର୍ଯ୍ୟନ୍ତ ଇଥାନଲ୍ ଯୁକ୍ତ ଏବଂ ସର୍ବନିମ୍ନ ରିସର୍ଚ୍ଚ ଆକ୍ଟେନ୍ ନମ୍ବର (RON) ୯୫ ଥିବା ଇଥାନଲ୍ ମିଶ୍ରିତ ମୋଟର ଝିଟିଏ ବିକ୍ରୟ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି । ୨୦୨୩-୨୫ ପରେ ଭାରତରେ ନିର୍ମିତ ଅଧିକାଂଶ ଯାନ ଇ୨୦ ରେ ଚାଲିବା ପାଇଁ ଡିଜାଇନ୍ କରାଯାଇଛି ଏବଂ ଏଥିରେ କୌଣସି ବଡ଼ ସମସ୍ୟା ଦେଖାଯିବନି ବୋଲି ଆଶା କରାଯାଉଛି । ତଥାପି, ପୁରୁଣା ଯାନଗୁଡ଼ିକ ମାଇଲେଜ୍ରେ ସାମାନ୍ୟ ହ୍ରାସ (୩-୭%) ଅନୁଭବ କରିପାରେ ଏବଂ ରବର କିମ୍ବା ପ୍ଲାଷ୍ଟିକ୍ ଅଂଶ ମଧ୍ୟ କ୍ଷତିଗ୍ରସ୍ତ ହୋଇପାରେ । ଇଞ୍ଜିନ କ୍ଷତିକୁ ରୋକିବା ପାଇଁ ସର୍ବନିମ୍ନ ୯୫ ଆରଓଏନ୍ ଜପରେ ଗୁରୁତ୍ୱ ଦିଆଯାଇଛି । ଗୋଟ୍ ହେଉଛି ଇଞ୍ଜିନ ନଳିଂ (ସମୟ ପୂର୍ବରୁ ଜଳିବା) ପ୍ରତି ଇଞ୍ଜନର ପ୍ରତିରୋଧର ଏକ ମାପ । ଇଞ୍ଜିନ ଭିତରେ ଅସମାନ ଭାବରେ ଇଞ୍ଜନ ଜଳିଲେ ନଳିଂ ହୁଏ, ଯାହା ଏକ ପିଟିଂ" ଶବ୍ଦ ସୃଷ୍ଟି କରେ । ଏହା ସମୟ ସହିତ ଇଞ୍ଜିନକୁ କ୍ଷତି ପହଂଚାଇପାରେ । ଆରଓଏନ ଯେତେ ଅଧିକ ହେବ, ଇଞ୍ଜନ ନଳିଂ ପ୍ରତି ସେତେ ଅଧିକ ପ୍ରତିରୋଧୀ ହେବ । ଇଥାନଲର ଏକ ପ୍ରାକୃତିକ ଭାବରେ ଉଚ୍ଚ ଅକ୍ଟେନ୍ ମାନକ (ପ୍ରାୟ ୧୦୮ ରୋନ୍) ଅଛି । ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ୍ ମିଶାଇବା ଦ୍ୱାରା ଏହାର ନଳିଂ ପ୍ରତିରୋଧ ବୃଦ୍ଧି ପାଏ । ଭାରତ ସରକାର ତୈଳ ବିପଣନ କମ୍ପାନୀଗୁଡ଼ିକୁ ନିର୍ଦ୍ଧାରିତ ସମୟର ପାଂଚ ମାସ ପୂର୍ବରୁ, ଜୁନ୍ ୨୦୨୨ ରେ ପେଟ୍ରୋଲରେ ୧୦ ପ୍ରତିଶତ ଇଥାନଲ୍ ମିଶ୍ରଣର ଲକ୍ଷ୍ୟ ହାସଲ କରିବାକୁ ଅନୁମତି ଦେଇଥିଲେ । ପରବର୍ତ୍ତୀ ସମୟରେ, ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣର ସମୟସୀମା

ଇଡିରେ ହାଜର ହେଲେ ଅନିଲ ଅମ୍ବାନୀ

ମୁମ୍ବାଇ, ୨୬/୨ (ନ୍ୟୁ.ଏ): ଋଣଯୋଗପତି ଅନିଲ ଅମ୍ବାନୀଙ୍କ ଅନୁଚା କମିବାର ନାଁ ଧରୁଛି । ସିବିଆଇ ତାଙ୍କ ବିରୋଧରେ ଆଉ ଏକ ନୂଆ ଏଫ୍‌ଆଇଆର ଗୁରୁ କରିଛି । ଏହି ମାମଲା ବ୍ୟାଙ୍କ ଅଫ୍ ବରୋଦାକୁ ନେଇଥିବା ହଜାର ହଜାର କୋଟି ଟଙ୍କାର ଲୋନ୍ ସହ ଜଡିତ । ଅଭିଯୋଗ ରହିଛି ଯେ, ରିଲାୟନ୍ସ କମ୍ୟୁନିକେସନ୍ ଏବଂ ତା'ର ସହଯୋଗୀ କମ୍ପାନୀ ୨୦୧୩ରୁ ୨୦୧୭ ମଧ୍ୟରେ ବ୍ୟାଙ୍କକୁ ପ୍ରାୟ ୨,୨୨୦ କୋଟି ଟଙ୍କାର କ୍ଷତି ପଂହଚାଇଛନ୍ତି । ସିବିଆଇର କହିବା ଅନୁସାରେ, ବ୍ୟାଙ୍କ ଅଫ ବରୋଦାର ଅଭିଯୋଗ ଆଧାରରେ ଏହି ମାମଲା ରୁଜୁ କରାଯାଇଛି । ଏଫ୍‌ଆଇଆର ରୁଜୁ ହେବା ମାତ୍ରେ ଏଜେନ୍ସି ଅନିଲ ଅମ୍ବାନୀଙ୍କ ଘର ଏବଂ ରିଲାୟନ୍ସ କମ୍ୟୁନିକେସନ୍ସ ଅଫିସରେ ତଲାଶୀ ନେଇଥିଲା । ତଦନ୍ତ ବେଳେ ଲୋନ୍ ଖର୍ଚ୍ଚକୁ ବହୁ ଦସ୍ତାବିଜ ଜବତ କରାଯାଇଛି । ତଦନ୍ତକାରୀ ଏଜେନ୍ସିର ଦାବି ଯେ, ଲୋନ୍‌ର ଅର୍ଥକୁ ଧାର୍ଯ୍ୟ ସର୍ତ୍ତ ଅନୁସାରେ, ବ୍ୟବହାର କରାଯାଇନି ବରଂ ତାକୁ ଅନ୍ୟ କମ୍ପାନୀ ଓ ସମ୍ପର୍କିତ ପକ୍ଷ ଜରିଆରେ ବ୍ୟବହାର କରାଯାଇଛି । ବ୍ୟାଙ୍କର ଅଭିଯୋଗ ଯେ, ରିଲାୟନ୍ସ କମ୍ୟୁନିକେସନ୍ ଓ ଏହାର ସହଯୋଗୀ କମ୍ପାନୀ (ରିଲାୟନ୍ସ ଇନଫ୍ରାଟେଲ୍ ଲିମିଟେଡ୍ ଓ ରିଲାୟନ୍ସ ଟେଲିକମ୍ ଲିମିଟେଡ୍) ମିଶି ପ୍ରାୟ ୩୧,୫୮୦କୋଟି ଟଙ୍କାର ଋଣ ଅଲଗା ଅଲଗା ବ୍ୟାଙ୍କ ଓ ଆର୍ଥିକ ସଂସ୍ଥାରୁ ନେଇଛନ୍ତି । ଏହାଦ୍ୱାରା ୬,୨୬୫ କୋଟି ଟଙ୍କା ଅନ୍ୟ ବ୍ୟାଙ୍କର ଋଣ ପରିଶୋଧ କରିବାକୁ ବ୍ୟବହାର କରାଯାଇଛି । ୫୫୦୧ କୋଟି ଅର୍ଥ ଟ୍ରାନ୍ସଫର କରାଯାଇଛି ଓ ୩,୭୬୪ କୋଟି ଟଙ୍କାର ଫିକ୍ସଡ ଡିପୋଜିଟ୍ ଓ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରାଯାଇଛି । ଉଲ୍ଲେଖନୀୟ ଯେ, ଗତ କାଲି ଇଡି ମନି ଲଣ୍ଡରିଂ ମାମଲାରେ ଅନିଲ ଅମ୍ବାନୀଙ୍କ ମୁମ୍ବାଇ ସ୍ଥିତ ବାସଭବନ 'ଆବୋଡ'କୁ ଜବତ କରିଛି । ଜବତ ଘରର ଦାମ୍ ୩,୭୧୬ କୋଟି ଟଙ୍କା ବୋଲି କୁହାଯାଉଛି । ଅନିଲ ଅମ୍ବାନୀ ଓ ତାଙ୍କ ଗ୍ରୁପର କମ୍ପାନୀ ବିରୋଧରେ ଏପର୍ଯ୍ୟନ୍ତ ମୋଟ ଆଟାଚମେଂଟର କାର୍ଯ୍ୟାନୁଷ୍ଠାନ ୧୫୬୦୦ କୋଟିରୁ ଅଧିକ ହୋଇସାରିଛି ।

ସୁନେତ୍ରା ପାୱାର ହେଲେ ଏନସିପି ରାଷ୍ଟ୍ରୀୟ ଅଧକ୍ଷ

ମହାରାଷ୍ଟ୍ର, ୨୬/୨ (ନ୍ୟୁ.ଏ): ମହାରାଷ୍ଟ୍ର ଉପ ମୁଖ୍ୟମନ୍ତ୍ରୀ ତଥା ବିଦଂଗତ ନେତା ଅଜିତ ପାୱାରଙ୍କ ପତ୍ନୀ ସୁନେତ୍ର ପାୱାରଙ୍କୁ ଏନସିପିର ନୂଆ ରାଷ୍ଟ୍ରୀୟ ଅଧକ୍ଷ ଭାବେ ନିର୍ଦ୍ଧାରିତ ହୋଇଛନ୍ତି । ଏହି ନିଷ୍ପତ୍ତି ପାର୍ଟିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଅଧିବେସନ ଆରମ୍ଭରୁ ପ୍ରଫୁଲ ପଟେଲ ଭାଚୁକ ହୋଇ ସଭାପତିତ୍ୱ କରିଥିଲେ । ଅଜିତ ପାୱାରଙ୍କ ନିଧନ ପରେ ଅନେକ ପ୍ରକାରର ଚର୍ଚ୍ଚା ଚାଲିଥିଲା । ତେବେ ଅଧିବେସନରେ ସର୍ବସମ୍ମତ ନେଇ ଆଗକୁ ବଢିବାକୁ ହେବ । ବୈଠକରେ ଥିବା ସମସ୍ତ ନେତା ଏବଂ ପ୍ରତିନିଧି ସୁନେତ୍ରା ପାୱାରଙ୍କୁ ଅଧକ୍ଷ ଭାବେ ସମର୍ଥନ କରିଥିଲେ । ଏହାପରେ ଏନସିପିର ରାଷ୍ଟ୍ରୀୟ ଅଧକ୍ଷ ଭାବେ ତାଙ୍କ ନାମ ଘୋଷଣା କରାଯାଇଛି ।

ରାଜ୍ୟସଭା ଆସନକୁ ନେଇ କଂଗ୍ରେସ-ଶିବସେନା (ୟୁବିଟି) ମୁହାଁମୁହିଁ

ମୁମ୍ବାଇ, ୨୬/୨ (ନ୍ୟୁ.ଏ): ମହାରାଷ୍ଟ୍ରରେ ମହା ବିକାଶ ଅଘାଡ଼ି (ଏମ୍‌ଭିଏ) ପାଇଁ ଏକମାତ୍ର ବିଜୟୀ ହେବା ନିଶ୍ଚିତ ଥିବା ରାଜ୍ୟସଭା ଆସନକୁ ନେଇ କଂଗ୍ରେସ ଓ ଶିବସେନା (ୟୁବିଟି) ମୁହାଁମୁହିଁ ହୋଇଛନ୍ତି । ଲୁଚୁବାର କଂଗ୍ରେସ ଏହି ଆସନ ଉପରେ ନିଜର ଦାବି ରଖିଛି । ଜାତୀୟ ଦଳ ଭାବେ ସେ ଏହି ଆସନ ପାଇବା କଥା ବୋଲି କହିଥିବାବେଳେ ଶିବସେନା